

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୩ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 OCTOBER 2021

Vol.No. 32 ■ No. 253 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଂଜଳୀ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୨/୦୯ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜଘାଟରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟ୍ କରି କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ଜୀବନ ପ୍ରତ୍ୟେକ ପିଢୀକୁ କର୍ତବ୍ୟ ପଥରେ ଚାଲିବାକୁ ପ୍ରେରଣା ଯୋଗାଇବ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀରେ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ୟ ଏକ ଟୁଇଟରେ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଂଜଳି ଜଣାଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଜୀଙ୍କୁ ତାଙ୍କ ଜନ୍ମ ବାର୍ଷିକୀରେ ନମସ୍କାର। ମୂଲ୍ୟବୋଧ ଏବଂ ନୀତି ଉପରେ ଆଧାରିତ ତାଙ୍କ ଜୀବନ ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣା ଉତ୍ସ ହୋଇ ରହିବ । ଉଲ୍ଲେଖ୍ୟଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟତୀତ ରାଷ୍ଟ୍ରପତି ରାମନାଥ କୋବିନ୍ଦ , କଂଗ୍ରେସ ସଭାପତି ସୋନିଆ ଗାନ୍ଧୀ, ଲୋକସଭା ବାଚସ୍ପତି ଓମ ବିର୍ଲା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ ରାଜଘାଟରେ ପହଂଚି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଜଘାଟରେ ସର୍ବ ଧର୍ମ ପ୍ରାର୍ଥନା ଆୟୋଜିତ ହୋଇଛି।

## ଦେଶରେ ଟୀକାକରଣ ୯୦ କୋଟି ଟପିଲା

ନୂଆଦିଲ୍ଲୀ,୦୨/୦୯ (ନି.ପ୍ର): ଦେଶରେ କରୋନାରୁ ମୁକ୍ତି ପାଇଁ ଚାଲିଥିବା ଟୀକାକରଣର ସଂଖ୍ୟା ୯୦ କୋଟି ପାର୍ କରିଛି । ଶନିବାର ଦିନ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଟ୍ୱିଟ୍‌ରେ କହିଛନ୍ତି ଯେ ଶାସ୍ତ୍ରୀଜୀ ଜୟ ଯବାନ, ଜୟ କିଷାନ୍ ସ୍ଲୋଗାନ୍ ଦେଇଥିଲେ। ଅଟଳଜୀ ଜୟ ବିଜ୍ଞାନ ଯୋଡ଼ିଲେ ଏବଂ ଏବେ ପ୍ରଧାନମନ୍ତ୍ରୀ ଜୟ ଅନୁସନ୍ଧାନର ନାରା ଦେଇଛନ୍ତି। ଆଜି ଅନୁସନ୍ଧାନର ପରିଣାମ ଏହି କରୋନା ଭ୍ୟାକ୍‌ସିନ।

## ଆଜି ସକାଳ ୮ରୁ ପିପିଲି ଭୋଟ୍ ଗଣତି

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଆସନ୍ତାକାଲି ପିପିଲି ଉପନିର୍ବାଚନ ରେଜଲ୍ଟ ପାଇଁ ଭୋଟ୍ ଗଣତି ହେବ। ଏନେଇ ପ୍ରସ୍ତୁତି ସରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ ଲୋହାନୀ କହିଛନ୍ତି। ଶନିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆସନ୍ତାକାଲି (ରବିବାର)ସକାଳ ୮ ଟା ରୁ ଭୋଟ୍ ଗଣତି ହେବ। ଏଥିଲାଗି ଦୁଇଟି କାଉଂଟର କରାଯିବ। ୩ ହଲରେ ଗଣତି ହେବ। ୨ଟିରେ ଇଭିଏମ ଓ ଗୋଟିଏ ରେ ଭିଭିପ୍ୟାଟ କାଉଂଟିଙ୍ଗ ହେବ। ପ୍ରଥମେ ୮ ଟାରୁ ପୋଷ୍ଟାଲ ବ୍ୟାଲଟ କାଉଂଟିଙ୍ଗ ଆରମ୍ଭ ହେବ ଏବଂ ସାଢେ ୮ଟାରେ ଇଭିଏମ କାଉଂଟ ହେବ। ଭୋଟ୍ ଗଣତି ପାଇଁ ୬୨ ଜଣ ସରକାରୀ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ମୋଟ ୧୪ ଟି ଟେବୁଲରେ ଗଣତି ହେବ। ଗୋଟିଏ ହଲରେ ୭ ଟି ଟେବୁଲ ରହିବ। ପ୍ରତି ରାଜନୈତିକ ଦଳ ଏଜେଂଟ ଦେଇ ପାରିବେ। ଯେତେ ଲୋକ କାଉଣ୍ଟିଙ୍ଗ ସେଣ୍ଟରରେ ରହିବେ, ସମସ୍ତେ ଡବଲ ଡୋଜ କୋଭିଡ୍ ଟିକା ନେଇଥିବା ଜରୁରୀ। ପ୍ରତି ରାଉଣ୍ଡର ଗଣତି ଫଳ ସ୍କ୍ରିନ କରିଆରେ ଲୋକଙ୍କୁ ଦେଖାଯିବ। କାଉଂଟିଙ୍ଗ ସରିବା ପରେ ୫ ଟି ଭି ଭି ପ୍ୟାଟ ଓ ଇଭିଏମ ରେଜଲ୍ଟ ମ୍ୟାଚ କରାଯିବ। ଏଥିପାଇଁ ସେଠାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଲୋହାନୀ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ପିପିଲି ଉପନିର୍ବାଚନ ପାଇଁ ସେପ୍ଟେମ୍ବର ୩୦ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୨ ଲକ୍ଷ ୨୯ ହଜାର ୯୯୮ ଜଣ ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରୁ ୭୮.୨୫ % ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଏଥର ଉପନିର୍ବାଚନ ପାଇଁ ୩୪୮ଟି ବୁଥ୍ କରାଯାଇଥିଲା। ସେଥିରୁ ୨୦୧ଟି ସମ୍ବେଦନଶୀଳ ବୁଥ୍ ଥିଲା। ପୂର୍ବତନ ବିଜେଡି ବିଧାୟକ ପ୍ରଦୀପ ମହାରଥୀଙ୍କ ମୃତ୍ୟୁ ପରେ ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ବିଜେଡି ପ୍ରାର୍ଥୀ ହୋଇଥିବା ବେଳେ ବିଜେପି ପକ୍ଷରୁ ଆଶ୍ରିତ ପଟ୍ଟନାୟକ ଓ କଂଗ୍ରେସରୁ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି।

# ପୁଲବାମାରେ ଆତଙ୍କବାଦୀ କ୍ୟାମ୍ପ୍ ଧ୍ୱସ୍ତ

ପୁଲବାମା,୦୨/୦୯ (ନି.ପ୍ର): ଜାମ୍ମୁ-କାଶ୍ମୀରର ପୁଲବାମା ଜିଲ୍ଲାର ଲାଖେ କାକାପୋରା ଅଂଚଳରେ ଶନିବାର ଦିନ ସୁରକ୍ଷାବଳ ଗୋଟିଏ ଆତଙ୍କବାଦୀ ଠିକଣାର ପତା ଲଗାଇ ଏହାକୁ ଧ୍ୱଂସ୍ତ କରିଦେଇଛି। ତେବେ ଏହି ସମୟରେ ଆତଙ୍କବାଦୀ ଠିକଣାରୁ କୌଣସି ପ୍ରକାର କୌଣସି ଜିନିଷ ଜବତ ହୋଇନାହିଁ। ସୁରକ୍ଷାବଳ ଲାଖେ କାକାପୋରା ଏବଂ ଏହାର ଆଖପାଖ ଅଂଚଳରେ ତଲାସୀ ଅଭିଯାନ ଜାରି ରଖିଛି। ଜଣାଯାଏ ଯେ ଆତଙ୍କବାଦୀଙ୍କୁ ସୁରକ୍ଷାବଳଙ୍କ ଆସିବାର ସୂଚନା ମିଳିଥିଲା। ଏଥିପାଇଁ ସେମାନେ ନିଜ ଅସ୍ତ୍ରଶସ୍ତ୍ର ସହିତ ଫେରାର ହୋଇଯାଇଥିଲେ। ସୂତ୍ର ଅନୁଯାୟୀ ପୁଲବାମା ପୋଲିସ୍‌କୁ ବିଶେଷ ସୂତ୍ରରୁ ଲାଖେ କାକାପୋରାରେ ଆତଙ୍କବାଦୀଙ୍କ ଉପସ୍ଥିତିର ଗୁପ୍ତ ସୂଚନା ପ୍ରାପ୍ତ ହୋଇଥିଲା। ସୂଚନା ମିଳିବାପରେ ସେନାର ୫୦ ଆର୍‌ଆର୍, ପୁଲବାମା ପୁଲିସ୍ ଏବଂ ସିଆର୍‌ପିଏଫ୍‌ର ଜବାନଙ୍କ ଏକ ସଂଯୁକ୍ତ ଟିମ୍ ଏହି ଜାଗା ସର୍ଚ୍ଚ କରିଥିଲେ ଯେଉଁଠାରେ ଆତଙ୍କବାଦୀଙ୍କ ଠିକଣା ହେବାର ସୂଚନା ମିଳିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ତଲାସୀ ଅଭିଯାନ ଜାରି ଥିଲା।

## ପୁଣି ବଢିଲା ତେଲ ଦର




ଭୁବନେଶ୍ୱର,୦୨/୦୯ (ନି.ପ୍ର): କ୍ରମାଗତ ତୃତୀୟ ଦିନ ପାଇଁ ସମଗ୍ର ଦେଶରେ ପେଟ୍ରୋଲ ଓ ଡିଜେଲର ଦାମ ବଢ଼ିଛି। ଶନିବାର ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ୨୫ ପଇସା ମହଙ୍ଗା ହୋଇଥିବା ବେଳେ ଡିଜେଲ ୩୦ ପଇସା ବଢ଼ିଛି। ବର୍ଦ୍ଧିତ ଦର ପରେ ଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ଦାମ ୧୦୨.୧୪ ଟଙ୍କା ଓ ଡିଜେଲର ଲିଟର ପିଛା ଦାମ ୯୦.୪୭ ଟଙ୍କା ହୋଇଛି। ଗତକାଲି ଦିଲ୍ଲରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଯଥାକ୍ରମେ ୧୦୧.୮୯ ଟଙ୍କା ଓ ୯୦.୧୭ ଟଙ୍କା ରହିଥିଲା। ରିପୋର୍ଟ ଅନୁଯାୟୀ ଭୁବନେଶ୍ୱରରେ ପେଟ୍ରୋଲର ଲିଟର ପିଛା ଦାମ ୪୪ ପଇସା ବଢ଼ି ୧୦୩.୦୧ ଟଙ୍କାରେ ପହଂଚିଛି। ଅନ୍ୟପକ୍ଷରେ ଡିଜେଲ ଦାମ ଲିଟର ପିଛା ଦାମ ୫୧ ପଇସା

▶▶ପୃଷ୍ଠା ୭


ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

କଲେ ଘୋଷଣା

ନୂଆ ସ୍ମାର୍ଟ କାର୍ଡ଼

ଏବଂ

ନୂଆ ରୂପରେ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା






ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର ।

ତାଲିକାଭୁକ୍ତ ବେସରକାରୀ ଚିକିତ୍ସାଳୟରେ କାର୍ଡ଼ଧାରୀ ପରିବାର ବାର୍ଷିକ ୫ ଲକ୍ଷ ଓ ପରିବାରର ମହିଳା ସଦସ୍ୟମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ଆମ ସରକାର ।

OIPR : 10001/13/0047/2122

ଟୋଲ୍ ଫ୍ରି ନମ୍ବର: ୧୦୪

# ବିଜୁ ଯୁବ ଜନତା ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସାମାଜିକ କାର୍ଯ୍ୟକ୍ରମ

ପୁରୀ,୨/୧୦ (ନି.ପ୍ର): ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋରବନ୍ଦରରେ ଜନ୍ମଗ୍ରହଣ କରିଥିଲେ ବାପୁ । ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିବା ମହାନ ଯୁଗପୁରୁଷ ହେଉଛନ୍ତି ମହାତ୍ମା ଗାନ୍ଧୀ । ଅହିଂସା ଉପାୟରେ ଦେଶରୁ ଇଂରେଜ ସରକାରଙ୍କୁ ତଡ଼ି ସ୍ୱାଧୀନତା ଆଣିଥିବା ମହାନ୍ ପୁରୁଷ ହେଉଛନ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଶନିବାର ବିଜେଡ଼ି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ମାନେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଫଳ ବଣ୍ଟନ କରାଯାଇଛି । ଏଥି ସହିତ ନରେନ୍ଦ୍ରକୋଣ ସ୍ଥିତ ବାଳାଶ୍ରମରେ ଛୋଟ ଛୋଟ ପିଲାଙ୍କୁ ଖାତା ଓ କଲମ ବଣ୍ଟନ କରାଯାଇଛି । ବିଜେଡ଼ି ପକ୍ଷରୁ ପ୍ରତ୍ୟେକ ବର୍ଷ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ କରି ନଭେମ୍ବର ୨ ପର୍ଯ୍ୟନ୍ତ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୁଏ । କିନ୍ତୁ, ଚଳିତ ବର୍ଷ ବିଶ୍ୱ ମହାମାରୀ କରୋନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ ସମ୍ପର୍କ ପଦଯାତ୍ରାକୁ ବନ୍ଦ କରି ସମାଜ ପାଇଁ ଜନ କଲ୍ୟାଣ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଜେଡ଼ି ପକ୍ଷରୁ ସରୋଜ ନାୟକ (ଜିଲ୍ଲା ଯୁବ ବ୍ୟାପାର ବିଜେଡ଼ି), ବିଜୟ କୁମାର ମାଝୀ (ସଦର ଯୁବ ସଭାପତି), ଜଗନ୍ନାଥ ବିଶୋଇ, ଆଲୋକ ଭୋଇ, ସୁଧାଂଶୁ ସାହୁ, ସନତ ପରିଡା, ରୋଷନ ପ୍ରଧାନ, ପ୍ରମୋଦ ଜେନା, ମୁକେଶ ସୁନ୍ଦରା, ଟୀଙ୍କୁ ମହାନ୍ତି, ଲୋକନାଥ ଦାସ, ଦୀପକ ଜାଲୀ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରି ଜନ କଲ୍ୟାଣ କାର୍ଯ୍ୟ କରୁଥିଲେ ।

## ମର୍ଜିତାପୁର ଠାରେ ସମାଜସେବା କାର୍ଯ୍ୟକ୍ରମ

ଧର୍ମଶାଳା,୨/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ସମାଜସେବା କାର୍ଯ୍ୟକ୍ରମ ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଆରମ୍ଭ ହୋଇଛି । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅର୍ଜିତାପୁର କଲ୍ୟାଣ ମଣ୍ଡପଠାରେ ସମାଜସେବା କାର୍ଯ୍ୟକ୍ରମ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଜିଠାରୁ ୨ ମାସ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀରେ ଶ୍ରମଦାନ, ରକ୍ତଦାନ ଓ ସମାଜସେବା ଭଳି ଅନେକ ମହତ କାର୍ଯ୍ୟ ଚାଲୁ ରଖିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ସରପଂଚ, ସମିତିସଭ୍ୟ ସଭ୍ୟା, ଜିଲା ପରିଷଦ ସଭ୍ୟସଭ୍ୟ । ଓ ସ୍ଥାନୀୟ ବରିଷ୍ଠନେତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପୁରୀରେ ଅର୍ନ୍ତଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ

ପୁରୀ,୨/୧୦ (ନି.ପ୍ର): ଏଏସିଏସ୍ କଲେଜ ଓ ଚେନ୍ନାଇ ସ୍ଥିତ ଜାତୀୟ ସାଗରତଟ ଗବେଷଣା କେନ୍ଦ୍ର ପକ୍ଷରୁ ଅର୍ନ୍ତଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ ହୋଇଯାଇଛି । ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ କଲେଜର ଏନସିସି, ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ବାସିନ୍ଦା, ବ୍ୟବସାୟୀ ଓ ପର୍ଯ୍ୟଟକମାନେ ଯୋଗଦେଇଥିଲେ । ବେଳାଭୂମିର ସ୍ୱଚ୍ଛତା ଓ ସୁରକ୍ଷା ପାଇଁ ପଦଯାତ୍ରା ମାଧ୍ୟମରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା । କଲେଜର ଅଧ୍ୟକ୍ଷା ଡଃ ସୁଜତା ମିଶ୍ର ସଭାପତିତ୍ୱ କରିଥିଲେ । ଭାରତ ସରକାରଙ୍କ ଭୂ ବିଜ୍ଞାନ ମନ୍ତ୍ରାଳୟ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ।
ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି, ମିହିର ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦେବୀପ୍ରସାଦ ମହାପାତ୍ର, ବୃନ୍ଦାବନ ପତି, ସହରାଂଚଳ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ଲାଷ୍ଟିକ, ପଲିଥିନ୍ ଓ ବର୍ଜ୍ୟବସ୍ତୁ ସମୁଦ୍ର ଜଳକୁ ନଫିଙ୍ଗିବା ପାଇଁ ମତ ଦେଇଥିଲେ । ଡ଼ଃ. ସଞ୍ଜୟ କୁମାର ସୁନ୍ଦରାୟ, ବୈଜ୍ଞାନିକ ପ୍ରଭାକର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ

ମାଲକାନଗିରି,୨/୧୦ (ନି.ପ୍ର): ମାଲକାନଗିରିରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ପୁରୁଣା ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ଜେନା, ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଜୋସ୍ନାମୟୀ ଆଚାର୍ଯ୍ୟ, ପ୍ରମୁଖ ଅଧିକାରୀ, ସାମ୍ବାଦିକ, ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ମାଲ୍ୟାର୍ପଣ କରିବା ପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଏମଭି- ୪୨ ଗ୍ରାମର ଏକ ସଂକୀର୍ତ୍ତନ ଦଳ ଏମ୍ ଭି- ୩ ଆଶ୍ରମ ଠାରୁ ମାଲକାନଗିରି ପର୍ଯ୍ୟନ୍ତ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ଆସିଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ପୁରୀ,୨/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧୭ତମ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଗାନ୍ଧୀଘାଟ ଠାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାସଚନ୍ଦ୍ର ନାଥଶର୍ମା ଯୋଗଦେଇଥିଲେ । ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସେମାନଙ୍କ ଦେଶପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସର୍ବୋଦୟ ମେଳା କମିଟି ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ସଭା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିବପ୍ରସାଦ ମିଶ୍ର, ସୁଧାକର ମହାପାତ୍ର, ଉମାବଲ୍ଲଭ ମହାପାତ୍ର, ହାଜିକେ ଆବେଦିନ୍ , ମହିଳା କୁଟୀରର ଅନ୍ତେବାସିନୀ ଶିକ୍ଷକ ଓ ଶିୟଯତ୍ରୀମାନେ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସକାଳୁ ରାମଧୂନ ପରିବେଷଣ କରାଯାଇଥିଲା । ସିଂହଦ୍ୱାର ଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ସଂକୀର୍ତ୍ତନ ଦଳ ଗାନ୍ଧୀ ଭଜନ ପରିବେଷଣ କରିଥିଲେ । ଏହାକୁ ଜିଲ୍ଲା ସଂସ୍କୃତି ପରିଷଦ ଆୟୋଜନ କରିଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ଧଡିହ ପଚାଂୟତରେ ଗ୍ରାମସଭା

ଧର୍ମଶାଳା,୨/୧୦ (ନି.ପ୍ର): ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଅବସରରେ ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡିହ ପଚାଂୟତରେ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି । ବନ୍ଧଡିହ ସରପଂଚ ଅମଳତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର କାର୍ଯ୍ୟନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତ ଯୋଗଦେଇ ଗ୍ରାମର କିପରି ଉନ୍ନତି ହେବ ସେନେଇ ତାଙ୍କର ନିଜସ୍ୱ ମତ ପ୍ରକାଶ କରିଥିଲେ । ଗ୍ରାମର ବିକାଶ ପାଇଁ ଆସିଥିବା ପଂଚଦଶ ଏସଏଫସି ଅନୁଦାନର ବ୍ୟୟବରାଦ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି । ଗ୍ରାମର ଶିକ୍ଷା, ପାଣି, ଘର, ଅଙ୍ଗନବାଡି ଘର, ନଳକୂପ, ଡ୍ରେନେଜ, ରାସ୍ତାଘାଟ ନିର୍ମାଣ ଓ ଶିକ୍ଷାନୁଷ୍ଠାନ ସଫେଇ ଭଳି ବିକାଶମୁଖୀ କାର୍ଯ୍ୟଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ଭରତ ସ୍ୱାଇଁ, ସରୋଜ ସେଠୀ, କାଳନ୍ଦୀ ଜେନାଙ୍କ ସମେତ ୱାର୍ଡ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ସ୍ଥାନୀୟ ମୁରବୀମାନେ ଯୋଗ ଦେଇଥିଲେ ।

# ୨ ମାସ ପରେ ହତ୍ୟା ଅଭିଯୁକ୍ତଙ୍କୁ ଝାଡଖଣ୍ଡରୁ ଗିରଫ କଲା ପୋଲିସ

ପଟ୍ଟାମୁଣ୍ଡାଇ,୨/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଓ ଚଉଦକୁଲାଟ ଫାଣ୍ଡି ଅଧୀନ ଗାଙ୍ଗପଡା ପଚାଂୟତ ସୋବଳା ଗ୍ରାମରେ ଗତ ୨ ମାସ ତଳେ ଘଟିଯାଇଥିବା ଜଘନ୍ୟ ହତ୍ୟାକାଣ୍ଡର ଆସାମୀଙ୍କୁ ପୋଲିସ ଝାଡଖଣ୍ଡରୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି । ଗତ ୦୧/୦୭/ ୨୦୨୧ ମସିହାରେ ଗାଙ୍ଗପଡା ପଚାଂୟତ ସୋବଳା ଗ୍ରାମରେ ପୋଇ ଗଛ ଓପାଡିବାକୁ ନେଇ ଏହି ଗ୍ରାମର ରାଜେନ୍ଦ୍ର ସାମଲଙ୍କ ସ୍ତ୍ରୀ ଓ ତାଙ୍କ ବଡ ଭାଇ ସୁରେନ୍ଦ୍ର ସାମଲଙ୍କ ସ୍ତ୍ରୀଙ୍କ ମଧ୍ୟ ପାଟିତୁଣ୍ଡ ହୋଇଥିଲା । ଏହି ଘଟଣାରେ ବଡଭାଇ ସୁରେନ୍ଦ୍ର ସାମଲ ଓ ତାଙ୍କ ପୁଅ ଦୀପକ ସାମଲ ରାଜେନ୍ଦ୍ରଙ୍କ ଘରେ ପଶି ନିସ୍ଥୁକ ପିଟିଥିଲେ । ଏକ ଚେୟାରକୁ ରାଜେନ୍ଦ୍ରଙ୍କ ଛାତି ଉପରେ ପକାଇ ମାଡି ବସିବାରୁ ରାଜେନ୍ଦ୍ର ସଂଜ୍ଞାହୀନ ହୋଇଯାଇଥିଲେ । ତାଙ୍କୁ ପ୍ରଥମେ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟ ଓ ପରେ କଟକ ବଡଡାକ୍ତଖାନାକୁ ଚିକିତ୍ସା ପାଇଁ ନିଆଯିବା ବାଟରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣା ପରେ ଅଭିଯୁକ୍ତ ବାପା ସୁରେନ୍ଦ୍ର ସାମଲ ଓ ପୁଅ ଦୀପକ ସାମଲ ଫେରାର ହୋଇଯାଇଥିଲେ । ପୋଲିସ ଉଭୟଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ଆଡେ ଚଢାଉ ଜାରି ରଖିଥିଲେ ହେଁ ଆସାମୀମାନଙ୍କୁ ଗିରଫ କରାଯାଇ ପାରୁନଥିଲା । ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶରେ ଚଉଦକୁଲାଟ ଫାଣ୍ଡି ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନେତୃତ୍ୱରେ ଗଠିତ ଏକ ସ୍ପେସାଲ ସ୍କାର୍ଡ ଅଭିଯୁକ୍ତମାନଙ୍କ ମୋବାଇଲ ଟ୍ରାକିଂ କରି ଝାଡଖଣ୍ଡର ଧାନବାଦରୁ ଗତକାଲି ୨ ଅଭିଯୁକ୍ତ ସୁରେନ୍ଦ୍ର ସାମଲ ଓ ଦୀପକ ସାମଲଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଆସାମୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହୋଇଯିବାରୁ କେନ୍ଦ୍ରାପଡା ବାରିମୂଳ ସବଜେଲକୁ ପଠାଇ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୃତ ରାଜେନ୍ଦ୍ରଙ୍କ ପତ୍ନୀଙ୍କ ଏତଲାକୁ ଭିତି କରି ପଟ୍ଟାମୁଣ୍ଡାଇ ଥାନାରେ କେସ ନଂ.- ୪୦୯/୨୧ ଦଫା ୩୦୨ ଓ ୩୪ରେ ଏକ ମାମଲା ରୁଜୁ କରାଯାଇଥିଲା ।

# ପଟ୍ଟାମୁଣ୍ଡାଇ ବାଇପାସ ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣଯନ୍ତା

ପଟ୍ଟାମୁଣ୍ଡାଇ ,୨/୧୦ (ନି.ପ୍ର): ପଟ୍ଟାମୁଣ୍ଡାଇ ସହର ପୁରୁଣା ବାଇପାସ ପୋଲ ଠାରୁ ଅଳଭା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି । ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଆଣ୍ଠୁଏ ଲେଖାଏଁ ଗାଡ଼ ସୃଷ୍ଟି ହୋଇ ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ସାମାନ୍ୟ ବର୍ଷା ହେଲେ ଏହି ସବୁ ଖାଲଖମାରେ ପାଣି ଭର୍ତ୍ତି ହୋଇ ଗାଡିଆର ଭ୍ରମ ସୃଷ୍ଟି କରୁଛି । ତେବେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ଉଣାଅଧିକେ ରାସ୍ତା ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ହେଲେ ଅବସ୍ଥା ସୁଧୁରି ପାରୁନାହିଁ ।ଏହି ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ପୌରାଂଚଳର ତନୁପୁର, ବାଲିପଡା, ନୂଆଗାଁ, ଅଳଭା ଆଦି ଗ୍ରାମର ଲୋକମାନେ ଦୈନିକ ନିର୍ଭର କରୁଥିବାବେଳେ ପଟ୍ଟାମୁଣ୍ଡାଇରୁ ରାଜନଗରକୁ ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡିମୋଟର ଓ ଭାରୀଯାନ ଗୁଡିକ ଚଳାଚଳ କରୁଛି । ପୁନଃଶ୍ଚ ଅଳଭା ଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ମଧ୍ୟ ଗୁରୁତର ହୋଇପଡିଛି । ଏହି ରାସ୍ତା ଉପରେ ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଚନ୍ଦନଗର, ସଂସାରଫଳ ଆଦି ପଚାଂୟତ ଗୁଡିକର ହଜାର ଜନସାଧାରଣ ନିର୍ଭର କରନ୍ତି । ଏକଦା ପଟ୍ଟାମୁଣ୍ଡାଇରୁ ରାଜନଗରକୁ ସଂଯୋଗ କରୁଥିବା ଏହି ରାସ୍ତା ଏହି ଅଚଂଳର ଲାଇଫଲାଇନ ବୋଲି କୁହାଯାଉଥିଲା ।ପଟ୍ଟାମୁଣ୍ଡାଇ ଉତିକଣ ବନ୍ୟାବନ୍ଧ ଉପରେ ନିର୍ମାଣ କରାଯାଇଥିଭା ଏହି ରାସ୍ତାର ଉପରି ଭାଗ ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ବନ୍ଧର ଉଭୟପାର୍ଶ୍ୱ ଜଳସଂପଦ ବିଭାଗ ଅଧୀନରେ ରହିଛି । ଦ୍ୱୈତ ବିଭାଗ ଦାୟିତ୍ୱରେ ଥିବାରୁ ଏବଂ ଉଭୟ ବିଭାଗ ମଧ୍ୟରେ ତାଖମେଳ ରହୁନଥିବାରୁ ଏହି ରାସ୍ତାଟି ଚରମ ଅବହେଳାର ଶିକାର ହୋଇଆସୁଛି । ଏହି ରାସ୍ତା ଦେଇ ଯାନବାହନ ଯାତାୟତ କରୁଥିବା ସମୟରେ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ଲକ୍ଷ୍ୟ କରାଯାଉଛି । ପଟ୍ଟାମୁଣ୍ଡାଇ ପୁରୁଣା ବାଇପାସ ପୋଲ ଛକ ଠାରୁ କେନାଲ ପୋଲ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରପ ଅବସ୍ଥାରେ ରହିଛି ।କରୋନା ପାଇଁ ଗତ ୨ ବର୍ଷ ହେବ ପଟ୍ଟାମୁଣ୍ଡାଇ ପରିବା ହାଟ, ମାଛ ମାର୍କେଟ, ଶୁଖୁଆ ହାଟ ଓ ମାଂସ ବଜାରକୁ ଏହି ରାସ୍ତା ପାର୍ଶ୍ୱରେ ଅବସ୍ଥାପିତ କରାଯାଇଛି । ଏହି ସ୍ଥାନକୁ ପନିପରିବା, ମାଛମାଂସ, ଶୁଖୁଆ କିଣିବା ପାଇଁ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହେଉଛି । ରାସ୍ତା ସାରା ଗାଡ ସୃଷ୍ଟି ହୋଇଥିବାରୁ ହାଟ ରାସ୍ତା ଦେଇ ଯାନବାହନ ଚଳାଚଳ ସମୟରେ ଲୋକମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଏହି ରାସ୍ତାରେ ପାଦରେ ଚାଲି ଚାଲି ଯାଉଥିବା ପଥଚାରୀମାନେ ଖାଲଖମାରେ ପଡି ଲହୁଲୁହାଣ ହେଉଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ପୁନଃନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ଓଡିଶା କେନ୍ଦୁପତ୍ର କର୍ମଚାରୀ,ଖରିଆର ଡିଭିଜନ କର୍ମକର୍ତ୍ତା ନୁଆଁଖାଇ ଜୁହାର ଭେଟଘାଟ ଅନୁଷ୍ଠିତ

ନୂଆପଡା,୨/୧୦ (ନି.ପ୍ର): ଆଜି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ତରଫରୁ ସମଗ୍ର ଜିଲ୍ଲାର କର୍ମକର୍ତାଙ୍କୁ ନେଇ ନୂଆପଡା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ଗୋଦାମ ପ୍ରାଙ୍ଗଣରେ ନୂଆଖାଇ ଜୁହାର ଭେଟଘାଟ କାର୍ଯ୍ୟକ୍ରମ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପଦ୍ମପୁର ପୂର୍ବତନ ବିଧାୟକ ତଥା ପଦ୍ମପୁର ଡିଭିଜନ ସମ୍ପାଦକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ରୁପେ ସାମିଲ ହୋଇଥିବା ବେଳେ କୋକିଳ ସାହୁ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ,ପାଟଣାଗଡ଼ ଡିଭିଜନ ସମ୍ପାଦକ ଶିବାନନ୍ଦ ପରିଛା, ଶିବ ପଟ୍ଟନାୟକ, ଚାଷୀ ମୂଲିଆ ସଙ୍ଘ ସଭାପତି କେଶବ ବେହେରା, ଭାରତୀୟ ମଜଦୂର ସଙ୍ଘର ଜିଲ୍ଲା ସଭାପତି ଶୁକ୍ଲାମ୍ବର ନିଆଲ ଓ ସାଧାରଣ ସମ୍ପାଦକ ପ୍ରଦୀପ ଦଣ୍ଡସେନା, ନୂଆପଡା ଜିଲ୍ଲା ଶ୍ରମିକ ବିକାଶ ସଙ୍ଘର ସଭାପତି ଅନିରୁଦ୍ଧ ନାଗ, ଉପସଭାପତି ଜ୍ଞାନରଞ୍ଜନ ସାହୁ, ସମ୍ପାଦକ ଜ୍ଞାନେଶ୍ୱର ବାଗ, ଓଡିଶା କୋଠାବାଡ଼ି ଶ୍ରମିକ ସଂଘ ଜିଲ୍ଲା ସଭାପତି ସୁଖଦ୍ୱେ ସାହୁ, ଇଣ୍ଡିଆନ ନେସନାଲ ଟ୍ରେଡ଼ ୟୁନିଅନ କଂଗ୍ରେସର ଜିଲ୍ଲା ସଭାପତି ଅଜୟ ଧରୁଆ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ ।ନୂଆଖାଇ ଜୁହାର ଭେଟଘାଟ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ସ୍ୱର୍ଗତ କିଶୋର ପରିଛା, ତରବୋଡ଼ ହେଡ ଚେକର ସ୍ୱର୍ଗତ ଗୟା ବାଗ, ଖରିଆର ଚେକର ସ୍ୱର୍ଗତ ଡମ୍ବରୁ ବେହେରା, ଲଖନା ଚେକର ସ୍ୱର୍ଗତ କେଳୁରାମ ସାହୁ ଓ ସ୍ୱର୍ଗତ ବଂଶୀ ବାରିହାଙ୍କ ବିୟୋଗରେ ସ୍ମୃତି ଚାରଣ କରି ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବିଗତ ଦିନର ଆନ୍ଦୋଳନ, ଆଲୋଚନା ଓ ଦାବିପତ୍ର ପ୍ରଦାନ ସହିତ ପୂରଣ ହୋଇଥିବା । ବିଭିନ୍ନ ଦାବୀ ଉପରେ ଆଲୋଚନା କରିବା ସହିତ ଆଗାମୀ ଦିନର ସାଙ୍ଗଠନିକ ଦୃଢ଼ତା ସହିତ କାର୍ଯ୍ୟପନ୍ଥା ଉପରେ ଚର୍ଚ୍ଚା ହୋଇ ନିଷ୍ପତି ସବୁ ନିଆଯାଇଥିଲା । ଆସନ୍ତା ଅକ୍ଟୋବର ୪ ତାରିଖରେ ଶ୍ରମିକ ଗର୍ଜ୍ଜନ ସମାବେଶ ଓ ବିକ୍ଷୋଭ ପାଇଁ ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘ ତରଫରୁ ଦିଆଯାଇଥିବା ଡାକରାକୁ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ଶାଖା ତରଫରୁ ପୂର୍ଣ ସମର୍ଥନ ଦେଇ ବହୁ ସଂଖ୍ୟାରେ ସାମିଲ ହେବା ପାଇଁ ସ୍ୱ ସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘର ଡୋରେଶ୍ୱର ପଟେଲ, ଈଶ୍ୱର ଶବର, ମଙ୍ଗଲସାଏ ବଗର୍ତି, ଦମନ ନାଏକ, ରୁଦ୍ର ନାଗ, ନାଗ, ସୁରେଶ ବେହେରା, ହରେକୃଷ୍ଣ ଭୋଇ, ଲେଖରାମ ପାଣ୍ଡେ ପ୍ରମୁଖ କର୍ମକର୍ତା ସାମିଲ ହୋଇ କାର୍ଯ୍ୟକ୍ରମ ସଫଳ ହେବାରେ ପୂର୍ଣ ସହଯୋଗ କରିଥିଲେ ।

## ଗାନ୍ଧିଜୀଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ

ପୁରୀ,୨/୧୦ (ନି.ପ୍ର): ଆଜି ସ୍ଥାନୀୟ ସଂସ୍କୃତି ଭବନରେ ମହାତ୍ମାଗାନ୍ଧୀଙ୍କ ୧୫୨ତମ ଜୟନ୍ତୀ ତଥା ଗାନ୍ଧିଜୀଙ୍କ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁଭାସ ଚନ୍ଦ୍ର ନାଥଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡା ମୁଖ୍ୟବକ୍ତା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ନୀତି, ଆଦର୍ଶ ଓ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଉତ୍ସବର ଆଭିମୁଖ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନର ଶିଳ୍ପୀମାନେ ଗାନ୍ଧୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ । ପରେ ପରେ ବଦ୍ରି ମିଶ୍ର ,ଜଗନ୍ନାଥ ବସ୍ତିଆ, ବିଜୟ କୁମାର ପଣ୍ଡା, ପୌର୍ଣ୍ଣମାସୀ ଦେବୀ, ଯୋଗେଶ୍ୱର ପ୍ରହରାଜ, ଚନ୍ଦ୍ରଶେଖର ମହାରାଣା, ପ୍ରବାସିନୀ ମିଶ୍ର, ବିଚିତ୍ର ରଞ୍ଜନ ମହାପାତ୍ର, ଚିନ୍ମୟୀ ଗଜେନ୍ଦ୍ର, ଅଧ୍ୟାପକ ମୀନକେତନ ପଟ୍ଟଯୋଶୀ, ଲକ୍ଷ୍ମୀ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ପ୍ରିୟପତ୍ରର ସମ୍ପାଦକ ବିପିନବିହାରୀ ଦଳାଇ ପରିଚାଳନା କରିଥିଲେ ।

# ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ସାମ୍ବାଦିକଙ୍କୁ ଆକ୍ରମଣକୁ ବିରୋଧ

କନ୍ଧମାଳ,୨/୧୦ (ନି.ପ୍ର): ରାଜ୍ୟରେ ଦିନ କୁ ଦିନ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି । ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ହେଉଛନ୍ତି ବୋଲି ଶୁକ୍ରବାର ଫୁଲ ବାଣୀ ପ୍ରେସ କ୍ଲବ୍ ପକ୍ଷରୁ ଆୟୋଜିତ ସଭାରେ ମତପ୍ରକାଶ ପାଇଛି । ପିପିଲିଠାରେ ଉପନିର୍ବାଚନ ସମୟରେ ଅର୍ଥବାଂଟିବା ଖବରକୁ ନେଇ ସାମ୍ବାଦିକ କାଳୁ ଚରଣ ସାହୁ ଙ୍କୁ କିଛି ରାଜନୈତିକ ନେତା ଆକ୍ରମଣ କରିବା ଅଭିଯୋଗ ହୋଇଥିବା ବେଳେ ଭୁବନେଶ୍ୱର ଠାରେ ସମୟର ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜଙ୍କୁ କିଛି ଦୁର୍ବୃର୍ତ ସକାଳେ ମର୍ଣିଙ୍ଗୱାର୍କ ବେଳେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ସେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି । ଏହି ଘଟଣା ସଂପୂର୍ଣ୍ଣ ନିନ୍ଦନୀୟ । ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାମ୍ବାଦିକମାନଙ୍କୁ ସୁରକ୍ଷା ଦେବା ଲାଗି ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ ଦାବୀ କରିଛନ୍ତି । ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ଏକ ଆଇନ ପ୍ରଣୟନ ପାଇଁ ମଧ୍ୟ ସଭାପତି ପଟ୍ଟନାୟକ ଦାବୀ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପ୍ରଶାନ୍ତ ବେହେରା, ସହ ସଂପାଦକ ରମେଶ ପ୍ରଧାନ, ସୂର୍ଯ୍ୟନାରାୟଣ ବେହେରା , ବ୍ରଜନାୟକ, ସନ୍ତୋଷ ଡ଼ିଗଲ, ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାର ତିବ୍ର ନିନ୍ଦା କରିବା ସହ ସୁରକ୍ଷା ଯୋଗାଇ ଦେବାକୁ ଦାବୀ କରିଥିଲେ ।

## ଅଭୟପୁର ପଚାଂୟତରେ ସଫେଇ କାର୍ଯ୍ୟକ୍ରମ

ଧର୍ମଶାଳା,୨/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଭୟପୁର ପଚାଂୟତରେ ଆଜି ସମାଜ ସେବା କାର୍ଯ୍ୟକ୍ରମରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳୀୟ କର୍ମୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହିତ ମିଶି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସଫା କରାଯାଇ ସେଥିରେ ବ୍ଲିଚିଙ୍ଗ ପାଉଡର ଦ୍ୱାରା ବିଶୋଧନ କରାଯାଇଛି । ଏଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳ ବାସୀ ଉଚ୍ଚ ପ୍ରଶଂସା କରିଛନ୍ତି ।

## ମହିଳା ଇଂଜିନିୟରଙ୍କୁ ଟ୍ରେନରେ ପିଟି ଲହୁଲୁହାଣ କଲେ ଆରପିଏଫ ଯବାନ

ରାଉରକେଲା,୨/୧୦ (ନି.ପ୍ର): ଟ୍ରେନରେ ଯାତ୍ରା କରୁଥିବା ଜଣେ ମହିଳା ଇଂଜିନିୟରଙ୍କୁ ଜଣେ ଆରପିଏଫ ଯବାନ ପିଟି ଲହୁଲୁହାଣ କରିବା ନେଇ ରାଉରକେଲା ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇଛି । ମହିଳା ଜଣକ ହେଲେ ଅନୀତା ରାଜ,ସେ ବାଙ୍ଗାଲୋର ରୁ ହାଉଡା ଅଭିମୁଖେ ଗୀତାଂଜଳୀ ଟ୍ରେନରେ ଯାଉଥିଲେ । ଆଜି ସକାଳେ ପାନପୋଷ ନିକଟରେ ଜଣେ ଆରପିଏଫ ଜବାନ ତାଙ୍କୁ ଦେଖି ପଚରା ଉଚରା କରିବା ସହ ତାଙ୍କୁ ଟିକେଟ ମାଗିଥିଲା ,ସେ ଟିକେଟ ଦେଖାଇ ନପାରିବାରୁ ତାଙ୍କୁ ଟ୍ରେନ ଭିତରେ ନିସ୍ଥୁକ ପିଟାଯାଇଥିଲା ,ସେଥିରେ ମହିଳା ଜଣଙ୍କର ମୁଣ୍ଡ ଫାଟି ଲହୁଲୁହାଣ ହୋଇଯାଇଥିଲା । ମହିଳା ଜଣକ ରାଉରକେଲା ଜିଆରପିରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ଆରପିଏଫ କନେଷ୍ଟବଳ ଅଜିତ କୁମାର ନାୟକ ଏହି ଘଟଣାରେ ସଂପୃକ୍ତ ବୋଲି ଜଣା ପଡିଛି । ଜିଆରପି ପକ୍ଷରୁ ଜଣେ ଡିଏସପିଙ୍କ ନେତୃତ୍ୱରେ ଏହିଘଟଣାର ତଦନ୍ତ ଆରମ୍ଭ ହୋଇଛି । ପୁଲିସ ପକ୍ଷରୁ ମହିଳା ଜଣଙ୍କର ବୟାନ ରେକର୍ଡ ଲାଗି କୋର୍ଟର ସହାୟତା ନିଆଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ମହିଳା ଜଣକ ବିନା ଟିକେଟରେ ଯାତ୍ରା କରୁଥିଲେ ବୋଲି ମାନିବା ପରେ ମଧ୍ୟ ଆରପିଏଫ ତାଙ୍କୁ ପୁଲିସି ର ଜିମା ନଦେଇ କିମ୍ବା ଟିଟିଆଇଙ୍କୁ ନଜଣାଇ ଏଭଳି ମାଡ ମାରିବା ସେ ପୁଣି ଜଣେ ମହିଳାଙ୍କୁ ପିଟି ଲହୁଲୁହାଣ କରିବା କେତେ ଦୁର ଠିକ ବୋଲି ପ୍ରଶ୍ନ ହେଉଛି । ମହିଳା ଜଣଙ୍କର ଅବସ୍ଥା ଓ ବେସ ଭୁଷା ତଥା ସେ ବିନା ଟିକେଟରେ ଯାତ୍ରା କରିବା ଆଦିକୁ ନେଇ ମଧ୍ୟ ପଚରା ଉଚରା ଆରମ୍ଭ କରିଛି ।

## ବନ ବିଭାଗ ହାତରେ ଧରାପଡିଲେ କାଠ ମାଫିଆ , ଲକ୍ଷାଧିକ ଟଙ୍କାର କାଠ ଜବତ

ମାଲକାନଗିରି,୨/୧୦ (ନି.ପ୍ର): ବିଶ୍ୱସ୍ତ ସୁତ୍ରରୁ କାଠ ଚୋରା ଚାଲାଣ ବିଷୟରେ ଖବର ପାଇମାଲକାନଗିରି ଜିଲ୍ଲା ବନାଂଚଳ ଅଧିକାରୀ ଜଗନ୍ନାଥ ବିଷୋୟୀ ଏକ ଟିମ୍ ଗଠନ କରିଥିଲେ । ନିଜ ଟିମ୍ ସହ ସେ ଏମ୍ଭି - ୧୮ ଗାଁ ନିକଟରେ ଆଜି ପାହାନ୍ତିଆରୁ ପେଟ୍ରୋଲିଂ ଚଳାଇଥିଲେ । ସେହି ସମୟରେ ପଡିଆ ଥାନା ଅନ୍ତର୍ଗତ ପଡଗାନପାଲ୍ଲି ଗାଁରୁ କାମାଲିଗୁଡାକୁ ଯାଉଥିବା ଏକ ଟ୍ରାକ୍ଟରକୁ ଅଟକାଇ ତନଖି କରିଥିଲେ । ଟ୍ରାକ୍ଟରକୁ ଯାଚ କରିବା ସମୟରେ ସେଥିରୁ ୧୦ଟି ଶାଗୁଆନ କାଠ ଗଣ୍ଡି ଠାବ ହୋଇଥିଲା । କାଠ ଗଣ୍ଡକୁ ଜବତ କରିବା ସହ ଦୁଇ ଅଭିଯୁକ୍ତ ଉର୍ମାଗୁଡା ଗ୍ରାମର ଶୁକା କବାସୀ ଓ ମୁକା କବାସୀ ଙ୍କୁ ଗିରଫ କରି ରେଂଜ ଅଫିସକୁ ଅଣାଯାଇଥିଲା । ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି ।

## ପହରିଆ ଭାଷା ବିକାଶ କୁଟୀର ଉଦଘାଟିତ

ନୂଆପଡ଼ା,୨/୧୦ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଭଇଁସାଦାନୀ ଗାଁ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକଦୃଷ୍ଟି ପକ୍ଷରୁ ପହରିଆ ଭାଷା ବିକାଶ କୁଟୀର ଉଦଘାଟିତ ହୋଇଯାଇଛି । ଜାତିର ପିତା ମହାତ୍ମାଗାନ୍ଧୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୋଡେନ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ନାଏକ, ଭଇଁଶାଦାନୀ ସରପଚଂ ଭୋଲାନାଥ ନାଗ, ଆଚଂଳିକ ଶିକ୍ଷା ସାଧନ କର୍ମୀ ବୈଷ୍ଣବ ଦୁରିଆ,ଲୋକଦୃଷ୍ଟି ଅନୁଷ୍ଠାନ ପ୍ରକଳ୍ପ ମୁଖ୍ୟ ଭୁବନେଶ୍ୱର ରାଉତ ଏବଂ ହିମାଂଶୁ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଉକ୍ତ ବିକାଶ କୁଟୀରକୁ ଉଦଘାଟନ କରିଥିଲେ । ଉକ୍ତ ବିକାଶ କୁଟୀର ଉଦଘାଟନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ଲୁପ୍ତ ହୋଇ ଯାଉଥିବା ପହରିଆ ଭାଷା ର ପୁନଃରୁଦ୍ଧାର ସହ ବିକାଶ କରିବା ତା ସହ ପ୍ରଥମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢୁଥିବା ଛାତ୍ରଛାତ୍ରୀ ଙ୍କ ଶିକ୍ଷାର ବିକାଶ ନିମନ୍ତେ ସହାୟକ ହେବ ।

# ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

# ଆୟୁର୍ବେଦୀୟ ଭ୍ରମଣ




କରୋନା ସଂକ୍ରମଣ ଭୟାବହତା ମଧ୍ୟରେ ମଣିଷ ନିଜ ସ୍ୱାସ୍ଥ୍ୟ ପ୍ରତି ପୂର୍ବାପେକ୍ଷା ଅଧିକ ସଚେତନ ହୋଇପଡ଼ିଛି । ବିଶ୍ୱର ସ୍ୱାସ୍ଥ୍ୟ ମଧ୍ୟରେ ଭାରତୀୟ ଆୟୁର୍ବେଦର ସ୍ୱତନ୍ତ୍ର ସ୍ଥାନ ରହିଛି । ଦେଶର ଏପରି ପ୍ରମୁଖ ପାଞ୍ଚଟି ଆୟୁର୍ବେଦୀୟ ସ୍ଥାନ ସମ୍ପର୍କରେ ଜାଣନ୍ତୁ, ଯେଉଁଠାରେ ଉଭୟ ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନର ସୁଖ ପାଇପାରିବେ ।

**ଦେବୟା ଆୟୁର୍ବେଦ ଆଣ୍ଡ୍ ନେଚର କିୟୋର ସେଣ୍ଟର, ଗୋଆ:**
ଏଠାରେ ଦିୱାର ଦ୍ୱୀପରେ ଥିବା ଏହି ରିସୋର୍ଟରେ ଯେଭଳି ସ୍ୱାସ୍ଥ୍ୟ ସେବା ଦିଆଯାଏ, ଶରୀର ଏବଂ ମନ ସହ ଆତ୍ମା ବି ସତେଯେପରି ସତେଜ ହୋଇଯାଏ । ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୀବନ ଜିଇବା ଲାଗି ଏଠାରେ ଆଧୁନିକ ଯୋଗ ପ୍ରକ୍ରିୟା ଶିକ୍ଷା କରିପାରିବେ । ନଡ଼ିଆ ଗଛ ଓ ଅନ୍ୟ ସବୁଜିମା ଭରା ପରିବେଶ ଏହି ରହଣିକୁ ଅଧିକ ଆନନ୍ଦିତ କରେ । ପଞ୍ଚକର୍ମ, ନ୍ୟାଚୁରୋଥେରାପି, ସ୍ପା ଆଦିର ସୁବିଧା ଏଠାରେ ଉପଲବ୍ଧ ।



**ଆନନ୍ଦ ଇନ୍ ଦି ହିମାଳୟ, ଉତ୍ତରାଖଣ୍ଡ:**
ଏଠାରେ ଋଷିକେଶ ନିକଟରେ ଅବସ୍ଥିତ ଆନନ୍ଦ ଭାରତର ସର୍ବୋତ୍ତମ ଆରାମଦାୟକ ସ୍ପା ରିସୋର୍ଟସ ମଧ୍ୟରୁ ଅନ୍ୟତମ । ପ୍ରାୟ ୧୦୦ ଏକର ପରିବ୍ୟାପ୍ତ ଏହି ରିସୋର୍ଟ ଅଞ୍ଚଳରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା ପାଇବା ସହ ହିମାଳୟ ପାର୍ବତ୍ୟାଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଆନନ୍ଦରେ ଆୟୁର୍ବେଦ ଡାକ୍ତର, କୁଶଳୀ ଥେରାପିଷ୍ଟ, ପୋଷକ ତତ୍ତ୍ୱ ଏବଂ ଯୋଗ ବିଶେଷଜ୍ଞ ରହିଛନ୍ତି । ତେବେ ଏହାର ସ୍ପା ସବୁଠାରୁ ଭିନ୍ନ । ଏଠାରେ ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ସ୍ପା କୌଶଳର ମିଶ୍ରଣରେ ୮୦ରୁ ଅଧିକ ପ୍ରକାର ସ୍ପା ସେବା ଯୋଗାଇ ଦିଆଯାଏ ।

**ସୋମାଥିରମ୍ ଆୟୁର୍ବେଦ ଗ୍ରାମ, କେରଳ:**



ଏଠାକାର ଚୋୱାରା ବେଳାଭୂମିରେ ଥିବା ସୋମାଥିରମ୍‌ରେ ରିସୋର୍ଟର ସୁବିଧା ସହ ଆୟୁର୍ବେଦୀୟ ଚିକିତ୍ସା ପାଇପାରିବେ । ତ୍ରିଭେନ୍ଦ୍ରମ ଆନ୍ତର୍ଜାତୀୟ ବିମାନ ବନ୍ଦର ଏହାର ନିକଟତର । ଏଠାରେ ପଞ୍ଚକର୍ମ ସହ ମାଲିସ୍, ଶିରୋଧାରା, ବସ୍ତି, ଶିରୋବସ୍ତି, ଅଭ୍ୟଙ୍ଗମ୍, ନାସ୍ୟମ ଆଦି ଆୟୁର୍ବେଦୀୟ ପଦ୍ଧତିରେ ଶରୀରକୁ ବିଷାକ୍ତ, ତତ୍ତ୍ୱମୁକ୍ତ କରିପାରିବେ । ନିଜସ୍ୱ ଔଷଧୀୟ ଉଦ୍ୟାନରୁ ଆସୁଥିବା ଜଡିବୁଟି ଏଠାରେ ବ୍ୟବହାର କରାଯାଏ । ପଦ୍ମନାଭସ୍ୱାମୀ ମନ୍ଦିର, ଚିଡ଼ିଆଖାନା, ଏକାଧିକ ସଂଗ୍ରହାଳୟ ଏହା ନିକଟରେ ରହିଛି ।



**ଆୟୁର୍ବେଦଗ୍ରାମ ହେରିଟେଜ ୱେଲନେସ ସେଣ୍ଟର, ବେଙ୍ଗାଲୁରୁ:**
ସହର ବାହାରେ ଥିବା ଏହି ଆୟୁର୍ବେଦଗ୍ରାମରେ ଚିକିତ୍ସା କରିବା ଲାଗି ଆୟୁର୍ବେଦ ଏବଂ ଯୋଗର ସହାୟତା ନିଆଯାଏ । ୯ ଏକର ପରିବ୍ୟାପ୍ତ ଏହି ସେଣ୍ଟରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା, ସ୍ପା, ଯୋଗ, ପ୍ରାଣାୟମ, ଶାକାହାରୀ ଭୋଜନ ଜୀବନକୁ ଏକ ନୂଆ ଦିଶା ଦେଇପାରେ । ଏଠାକୁ ଆସୁଥିବା ଅତିଥିମାନେ ନିଜ ବଜେଟ୍ ଅନୁସାରେ ପ୍ୟାକେଜ୍ ବାଛିଥାନ୍ତି ।

## ଘରେ ମନି-ପ୍ଲାଣ୍ଟ ଥିଲେ, ଜାଣିବା କଥା



ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ପ୍ରତ୍ୟେକ ଚାରାରୋପଣ ନିମନ୍ତେ ନିର୍ଦ୍ଦିଷ୍ଟ ଦିଗ ରହିଛି । ଏହି ନିୟମ ମାନିଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହେଉଥିବାର ମତ । ଉଜ୍ଜୈନର ଜ୍ୟୋତିଷାଚାର୍ଯ୍ୟ ପ୍ରଫୁଲ୍ଲ ଭଟ୍ଟ ଏ ବାବାଦରେ ଜନସାଓାରଣଙ୍କୁ ଉପଦେଶ ଦେଇଛନ୍ତି । ମନି-ପ୍ଲାଣ୍ଟ ଗଛକୁ ଉଚିତ ଦିଗରେ ଲଗାଇଲେ ଘରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼େ ।

ଉତ୍ତର-ପୂର୍ବ ଦିଗରେ କେବେହେଲେ ଏହି ଗଛ ଲଗାଇବେ ନାହିଁ ନଚେତ୍ ଅଯଥାରେ ହିଁ ଅର୍ଥହାନି ସମସ୍ୟା ଉପୁଜିବ ।

ଏହି ଗଛକୁ କାନ୍ଥରେ କିମ୍ବା କୁଣ୍ଡରେ ଲଗାଇବା ଉଚିତ । ସିଧାସଳଖ ମାଟି ଉପରେ ଏହାକୁ ଲଗାଇଲେ ମଧ୍ୟ କୁପ୍ରଭାବ ପଡ଼େ । ମନି-ପ୍ଲାଣ୍ଟ ଗଛ ଯେପରି ଝାଉଁଳି ନଯାଏ ସେଥିପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ । ହଳଦୀ ରଙ୍ଗର ପତ୍ରକୁ ଛିଣ୍ଡାଇ ଦେବା ଉଚିତ।

ଦକ୍ଷିଣ-ପଶ୍ଚିମ ଦିଗରେ ମନି-ପ୍ଲାଣ୍ଟ ଚାରାରୋପଣ କରିବା ସହ ରୀତିମତ ପାଣି ଦେବା ଭଲ ।

## ଗଛର ଜନ୍ମଦିନ ପାଳିଲେ ଅଧ୍ୟାପକ

‘କୁହାଯାଏ ୧୦ଟି ପିଲାର ଲାଳନ ପାଳନ କରିବା ଭଳି ଫଳ ଗୋଟିଏ ଗଛ ଲଗାଇଲେ ମିଳେ । ଏମିତିରେ ବାପା, ମା’ ଯଦି ପିଲାମାନଙ୍କର ଜନ୍ମଦିନ ପାଳନ କରନ୍ତି, ତେବେ ଗଛମାନଙ୍କର କାହିଁକି ନୁହେଁ । ଆମେ ବଡ଼ ଶ୍ରଦ୍ଧାର ସହ ଗଛ ଲଗାନ୍ତି, ସେଥିରେ ପାଣି, ସାର ଦିଅନ୍ତି । ବଦଳରେ ଗଛ ଆମକୁ ବହୁତ କିଛି ଦେଇଥାଏ ।’ ଏକଥା କହନ୍ତି ରାଜସ୍ଥାନର ବିକାନେରର ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ । ଏମାନେ ବିକାନେରର ସବୁଠୁ ବଡ଼ କଲେଜ ଡୁଙ୍ଗର ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ଏମାନଙ୍କର ପେସା ଅଧ୍ୟାପନା, କିନ୍ତୁ ନିଶା ଗଛ ଲଗାଇବା । ବର୍ଷକ ତଳେ କଲେଜ ପରିସରରେ ଏମାନେ ଏକ ଅଶ୍ୱତ୍ଥ ଗଛ ଲଗାଇଥିଲେ । ବର୍ଷେ ଧରି ସେ ଗଛର ଯତ୍ନ ନେଲେ । ନିକଟରେ ତାର ଜନ୍ମଦିନ ପାଳନ କରି ଚର୍ଚ୍ଚାରେ ଅଛନ୍ତି । ପୃଥିବୀ ଓ ପରିବେଶ ପାଇଁ ଗଛ କେତେ ଜରୁରୀ, ଏକଥା କହିବାର ଆବଶ୍ୟକତା ନାହିଁ । ତଥାପି ନିଜ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବାର ବାର୍ତ୍ତା ଦେବାକୁ ସେମାନେ ଏହି ନିଆରା ପ୍ରୟାସ କରିଥିଲେ । ଅଶ୍ୱତ୍ଥ ଗଛର ଜନ୍ମଦିନ ପାଳନ ପାଇଁ ତାକୁ ଭଲ ଭାବେ ସଜାଯାଇଥିଲା । ବ୍ରାହ୍ମଣଙ୍କୁ ଡାକି ପୂଜା ପାଠ କରାଯାଇଥିଲା । କେକ୍ ବି କଟାଯାଇଥିଲା । ଅନ୍ୟପଟେ ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ ପ୍ରଥମ



ଥର ପାଇଁ ଏହି ପ୍ରୟାସ କରିନାହାନ୍ତି । ପୂର୍ବରୁ ସେହି ଅଞ୍ଚଳରେ ସେମାନେ ଅନେକ ବୃକ୍ଷରୋପଣଣ କରିଛନ୍ତି । ସେମାନଙ୍କ ଏହି କାମ ଛାତ୍ରଛାତ୍ରୀଙ୍କ ମନରେ ବହୁ ସକରାତ୍ମକ ପ୍ରଭାବ ପକାଉଛି । କିଛି କ୍ଷେତ୍ରରେର ଛାତ୍ରଛାତ୍ରୀ ମଧ୍ୟ ଏହି କାମରେ ସାମିଲ ହେଉଛନ୍ତି ।

## ୬% ଆମେରିକୀୟ ବୈବାହିକ ଜୀବନ ସଫଳ

ପାଶ୍ଚାତ୍ୟ ଦେଶରେ ନୀତିନିୟମ ସବୁକିଛି ଅଲଗା । ବିବାହ ଓ ବିଚ୍ଛେଦକୁ ନେଇ ବିଦେଶ ରାଇଜ (ଆମେରିକା, ଇଉରୋପ)ର ଲୋକ ଏତେଟା ବ୍ୟସ୍ତ ହୋଇନଥାନ୍ତି । ମନ ନ ମିଶିଲେ ଦମ୍ପତି ଆପୋଷ ବୁଝାମଣାରେ ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଉଥିବାର ଦେଖାଯାଉଛି । ଭାରତୀୟ ସଭ୍ୟତାରେ ସେପରି ନାହିଁ । ଅଧିକାଂଶଙ୍କ କହିବାର କଥା ହେଲା, ବାହାଘର ଖେଳଘର ନୁହେଁ । ପରସ୍ପର ମନ ମିଶାଇ ଆଜୀବନ ଚଳିବା ହିଁ ବିବାହର ପ୍ରଥମ ଓ ପ୍ରମୁଖ ନିୟମ । ଆମ ଦେଶରେ ଗାଁଗଣ୍ଡାଠାରୁ ଆରମ୍ଭ କରି ନଗର, ମହାନଗରୀ ପର୍ଯ୍ୟନ୍ତ ହିସାବ କଲେ ୪୦%ରୁ ଅଧିକ ବୟସ୍କ ଦମ୍ପତି ସେମାନଙ୍କ ୫୦ତମ ବିବାହବାର୍ଷିକୀ ପାଳନ କରିସାରିଥିବାର ଜାଣିବେ । ତେବେ ନିକଟରେ ହୋଇଥିବା ଏକ ଅନ୍-ଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି, ମାତ୍ର ୬% ଆମେରିକୀୟ ଦମ୍ପତି ସେମାନଙ୍କ ୫୦ ତମ ବିବାହ ପୂର୍ତ୍ତି କରିଥାନ୍ତି । ଅନ୍ୟମାନେ ବିବାହର କିଛି ବର୍ଷ ପରେ ହିଁ ପରସ୍ପରଠାରୁ ଅଲଗା ହୋଇଯାଇଥିବାର ଦେଖାଯାଇଛି । ଆମେରିକା ବାସିନ୍ଦା ୧୦୨ ବର୍ଷୀୟ ରାଲ୍ଫ କୋହଲର୍ ଓ ତାଙ୍କ ପତ୍ନୀ ୧୦୦ ବର୍ଷୀୟା ଡୋରୋଥି ରେଡିଙ୍ଗ ନିକଟରେ ସେମାନଙ୍କ ୮୪ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଖୁବ୍ କମ୍ ବୟସରେ ଦୁହେଁ ବିବାହ କରିଥିବାରୁ ସେମାନଙ୍କୁ ସେ ସମୟରେ ବନ୍ଧୁବାନ୍ଧବ କହିଥିଲେ, ଅତି ଶୀଘ୍ର ସେମାନଙ୍କ ବିଚ୍ଛେଦ ହେବ । ହେଲେ ଦୁହିଁଙ୍କ ବୁଝାମଣା ହିଁ ସେମାନଙ୍କ ବୈବାହିକ ଜୀବନକୁ ଦୀର୍ଘ କରିଥିବାର କହିଛନ୍ତି । ମନୋମାଳିନ୍ୟ ହୋଇଛି ସତ, କିନ୍ତୁ ବିଚ୍ଛେଦ ସେସବୁର ସମାଧାନ ନଥିଲା ବୋଲି କହିଛନ୍ତି ରାଲ୍ଫ । ତାଙ୍କର ୩ ପିଲା, ସମସ୍ତେ ଖୁସିରେ ଅଛନ୍ତି । ଚତୁର୍ଥ ପିଢ଼ି ଦେଖିସାରିଲେଣି ଏଇ ବୟସ୍କ ଦମ୍ପତି ପିଲାମାନଙ୍କୁ ସବୁବେଳେ ପରାମର୍ଶ ଦେଇଆସୁଛନ୍ତି, ସୁଖୀ ପରିବାରର ମୁଖ୍ୟ ସୂତ୍ର ହେଲା ବୈବାହିକ ଜୀବନକୁ ସଫଳ କରିବା ।




## ଶିକ୍ଷିତା ମହିଳାମାନେ ଅଧିକ ମଦ୍ୟପାନ କରନ୍ତି

ଶିକ୍ଷିତା ମହିଳାମାନେ ଅଧିକ ମଦ୍ୟପାନ କରୁଥିବା ଏକ ସର୍ଭେରୁ ଜଣାପଡିଛି । ଏହି ସର୍ଭେ ଅନୁସାରେ ବିଶ୍ୱବିଦ୍ୟାଳୟରେ ଅଧନ କରୁଥିବା ମହିଳାମାନେ କମ୍ ପାଠ ପଢୁଥିବା ମହିଳାମାନଙ୍କ ତୁଳନାରେ ଅଧବକ ମଦ୍ୟପାନ କରୁଥିବା ଜଣାପଡିଛି । ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ପକ୍ଷରୁ ସମାନବୟସରେ ଏକହଜାର ମହିଳାଙ୍କୁ ନେଇ ଏକ ସର୍ଭେ କରାଯାଇଥିଲା । ଲଥିରେ ଜଣାପଡିଲା ଯେ, ଯେଉଁ ମହିଳାମାନେ ଉଚ୍ଚ ଶିକ୍ଷିତା ସେମାନେ ପରିସ୍ଥିତି ସହିତ ଖାପଖୁଆଇବା ପାଇଁ ମଦ୍ୟପାନ କରିଥାନ୍ତି । ଉଚ୍ଚଶିକ୍ଷିତା ମହିଳା ପ୍ରାୟ ଅଧିକାଂଶ ଦିନରେ ମଦ୍ୟପାନ କରିଥାନ୍ତି । ଫ୍ରାନ୍‌ସେସ୍କା ବୋର୍ଗୋନୋଭି ଓ ମାରିଆ ହ୍ୟୁରେଟାଙ୍କ କତରେ ଉଚ୍ଚ ଶିକ୍ଷିତା ମହିଳାମାନେ ପ୍ରାୟତଃ ସାମାଜିକ ଚଳଣିରେ ଅଧିକ ସକ୍ରିୟ ହୋଇଥାନ୍ତି କିମ୍ବା ପୁରୁଷ ପ୍ରାଧାନ୍ୟ କର୍ମସଂସ୍ଥାନରେ କାର୍ଯ୍ୟ କରୁଥାନ୍ତି ତେଣୁ ସେଠାକାର ପରିବେଶ ଅନୁସାରେ ନିଜକୁ ଖାପଖୁଆଇବା ପାଇଁ ସେମାନଙ୍କୁ ମଦ୍ୟପାନ କରିବାକୁ ପଡିଥାଏ । ଯାହାକି ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଇଥାଏ । କିଛି କିଛି ମହିଳା ମଧ୍ୟ ବିତ



ପରିବାରର ହୋଇଥାନ୍ତି ଯେଉଁମାନେ ପିଲାଟି ଦିନରୁ ସେମାନଙ୍କ ପରିବାର ଲୋକ ମଦ୍ୟପାନ କରୁଥିବା ଲକ୍ଷ୍ୟ କରିଆସୁଥାନ୍ତି । ସର୍ଭେରେ କିଛି ମହିଳାଙ୍କ ବିଦ୍ୟାଳୟ ପରୀକ୍ଷା ଫଳାଫଳ ଏବଂ ଉପସ୍ଥାନ ଦିନାଙ୍କକୁ ନେଇ କରାଯାଇଥିବା ସର୍ଭେରୁ ଜଣାପଡିଛି ଯେ, ୭୧ ପ୍ରତିଶତ ନମ୍ବର ରଖିଥିବା ମହିଳାମାନେ ସାଧାରଣ ମହିଳାଙ୍କ ଭଳି କମ୍ ମଦ୍ୟପାନ କରୁଥିବା ବେଳେ ୮୬ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ମହିଳାମାନେ ଅଧିକ ମଦ୍ୟପାନ କରୁଥିବା ଜଣାପଡୁଛି । ସାଧାରଣ କମ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳାଙ୍କ ଅପେକ୍ଷା ଉଚ୍ଚ ଶିକ୍ଷିତା ମହିଳାମାନେ ୧.୭ ଗୁଣ ଅଧିକ ମଦ୍ୟପାନ କରୁଥିବା ସର୍ଭେରେ ପ୍ରକାଶିତ ହୋଇଛି ।

## ଟ୍ୟାନ୍‌ରୁ ମୁକ୍ତି

ଖରାଦିନେ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ । ଏହି ରଶ୍ମି ତ୍ୱଚାର ମେଲାନିନ୍ କୁ ବଢ଼ାଇ ତ୍ୱଚାର ରଙ୍ଗକୁ କଳା କରି ଦେଇଥାଏ । ଯାହା ଦ୍ୱାରା ଖରାଦିନେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଆସିଥାଏ । ଯାହାକୁ ଆମେ ଟ୍ୟାନ୍ ବୋଲି କହିଥାଉ । ମାତ୍ର ଟ୍ୟାନରୁ ରକ୍ଷା ପାଇବା ପାଇଁ ଅନେକ ଖରାରେ ବହାରକୁ ବାହାରିବା ପୂର୍ବରୁ ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରିଥାନ୍ତି । ମାତ୍ର ଏହା ତ୍ୱଚାକୁ ସମ୍ପୂର୍ଣ୍ଣ ଭାବରେ ଖରାରୁ ସୁରକ୍ଷା ଦେଇଥାଏ । ତେବେ କିଛି ଘରୋଇ ଉପଚାରକୁ ପ୍ରୟୋଗ କରି ଆପଣ ଟ୍ୟାନ୍ ସମସ୍ୟାରୁ ମୁକ୍ତି ପାଇପାରିବେ ।

- ଟ୍ୟାନ୍ ପଡ଼ିଥିବା ସ୍ଥାନରେ ଆଳଚରସ ଓ ଲେମ୍ବୁ ରସକୁ ମିଶାଇ ଲଗାନ୍ତୁ । କିଛି ସମୟ ଏହି ପ୍ୟାକ୍ କୁ ରଖି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।
- ଟମାଟୋ ରସ ସହିତ କିଛି ଦହିକୁ ମିଶାଇ ମୁହଁରେ ଲଗାନ୍ତୁ । ଅଳ୍ପ ସମୟ ପରେ ମୁହଁକୁ ଧୋଇ ଦିଅନ୍ତୁ । ଦେଖିବେ ଏହା ଟ୍ୟାନ୍ ଭଲ କରି ଦେବ ।
- ଟ୍ୟାନ୍ ଦୂର ପକରିବା ପାଇଁ ଅମୃତଭଣ୍ଡାକୁ ଚକଟି ସେଥିରେ କିଛି ମହୁକୁ ମିଶାଇ ବ୍ୟବହାର କରନ୍ତୁ । ଏହା ମଧ୍ୟ ଟ୍ୟାନ୍ ସମସ୍ୟା ଭଲ କରିଥାଏ ।
- ଆଲୋଭେରା ବା ଘିକୁଆରୀ ରସକୁ ସାରା ରାତି ମୁହଁରେ ଲଗାଇ ରଖନ୍ତୁ । ସକାଳୁ ମୁହଁକୁ ଧୋଇ ଦିଅନ୍ତୁ । ସବୁଦିନ ଆଲୋଭେରାକୁ ବ୍ୟବହାର କରିବା ଦ୍ୱାରା ଟ୍ୟାନ୍ ଭଲ ହୋଇଯିବା ଖରାକୁ ବାହାରିବା ପୂର୍ବରୁ ଆଲୋଭେରାକୁ ମୁହଁରେ ଲଗାନ୍ତୁ ନାହିଁ ଏହା ତ୍ୱଚାକୁ କଳା ପକାଇଥାଏ ।
- ରାତିରେ ଶୋଇବା ପୂର୍ବରୁ କ୍ଷୀର ସରରେ କେଶରକୁ ମିଶାଇ ମୁହଁରେ ଲଗାଇ ରଖନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଟ୍ୟାନ୍ ଦୂର ହେବା ସହ ମୁହଁ ଉଜ୍ଜ୍ୱଳ ଦିଶିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଙ୍ଗଲର ସଂଜ୍ଞା...

ସାମ୍ପ୍ରତିକ ସମୟରେ ଜଙ୍ଗଲକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା । ବିକାଶ ନାମରେ ଅବିଚାରିତ ଭାବରେ ବୃକ୍ଷ କାଟିବା ଜଙ୍ଗଲହାନିର ଏକ ପ୍ରମୁଖ କାରଣ ହୋଇଥିବା ବେଳେ ଜଙ୍ଗଲ ହାନି ଯୋଗୁଁ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପନର ସୃଷ୍ଟି ଏବଂ ପରିବେଶରେ ସନ୍ତୁଳନ ବିଗିଡ଼ି ଯାଇଥିବା ମତବ୍ୟକ୍ତ କରନ୍ତି ବିଶ୍ୱର ସବୁ ଦେଶର ବୈଜ୍ଞାନିକ ଓ ପରିବେଶବିତ । ନିକଟରେ ବିଶ୍ୱର ଜଙ୍ଗଲ ଅଞ୍ଚଳ ସମ୍ପର୍କରେ ଏକ ନୂତନ ଅଧ୍ୟୟନ ପ୍ରକାଶ ପାଇଛି ନେଚର ପତ୍ରିକାରେ । ଏଥିରେ ଦର୍ଶାଯାଇଛି ଯେ ୧୦୮୨ ରୁ ୨୦୧୬ ଭିତରେ ସମଗ୍ର ବିଶ୍ୱରେ ବୃକ୍ଷାଚ୍ଛାଦନ ବୃଦ୍ଧି ପାଇଛି ୨.୨୪ ପ୍ରତିଶତ । ଉପଗ୍ରହ ଜରିଆରେ ସଂଗୃହୀତ ଏହି ତଥ୍ୟକୁ ୟୁନିଭର୍ସିଟି ଅଫ୍ ମେରିଲ୍ୟାଣ୍ଡ, ଷ୍ଟେଟ ୟୁନିଭର୍ସିଟି ଅଫ୍ ନ୍ୟୁୟର୍କ ଏବଂ ନାସା ଗର୍ଡାଡ୍ ସ୍ପେଶ୍ ଫ୍ଲାଇଟ ସେଣ୍ଟରର ଗବେଶକମାନେ ବ୍ୟବହାର କରିଜାଣିବାକୁ ପାଇଛନ୍ତି ଯେ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ହ୍ରାସ ପାଉଥିବା ଜଙ୍ଗଲର କ୍ଷତିକୁ ନାତିଶୀତୋଷ୍ଣ, ଆର୍ଦ୍ର ଏବଂ ଉପକ୍ରାନ୍ତୀୟ ଜଳବାୟୁ ଅଞ୍ଚଳର ଜଙ୍ଗଲଗୁଡିକ ଭରଣା କରିବା ସହିତ ଜଙ୍ଗଲର ପରିମାଣରେ ଭାରସାମ୍ୟ ରକ୍ଷା କରିବାରେ ସମର୍ଥ ହେଉଛନ୍ତି । ଜଳବାୟୁରେ ଉଷ୍ଣତା ବଜାୟ ରହୁଥିବାରୁ ପାର୍ବତ୍ୟାଞ୍ଚଳରେ ଗଛଗୁଡିକ ବଢିବା ସହିତ ଏଭଳି ଅଞ୍ଚଳରେ ଜଙ୍ଗଲର ପରିସର ସମ୍ପ୍ରସାରିତ ହେଉଥିବା ଅଧ୍ୟୟନରୁ ଜଣାପଡିଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ଯାହା ଜଣାପଡିଛି, ତାହା ହେଉଛି ମାନବୀୟ କାର୍ଯ୍ୟକଳାପଜନିତ ପ୍ରଦୂଷଣ ଜଙ୍ଗଲର ଅଭିବୃଦ୍ଧି କ୍ଷେତ୍ରରେ ବେଶୀ ବାଧକ ସାଜିଥିବା ବେଳେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ପରିମାଣ ଖୁବ୍ କମ୍ ରହିଛି । ପରିତାପର ବିଷୟ, ଏହି ଅଧ୍ୟୟନରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ କଥାକୁ ବିଚାରକୁ ନିଆଯାଇନାହିଁ, ଯେଉଁଥିପାଇଁ ଏହା ସିମୀତ ପରିସରର ଅଧ୍ୟୟନ ବୋି ମନେହୁଏ । ଉଦାହରଣ ସ୍ୱରୂପ, ଭାରତର ଷ୍ଟେ ଅଫ୍ ଫରେଷ୍ଟସ୍ ରିପୋର୍ଟରେ ଯେମିତି 'ସବୁ ପ୍ରକାରର ବୃକ୍ଷର ଅଚ୍ଛାଦନ'କୁ ଗୋଟିଏ ବର୍ଗରେ ଅନ୍ତର୍ଭୁକ୍ତ କରାଯାଉଛି, ଠିକ୍ ସେମିତି ଏଥିରେ ମଧ ସମାନ ପଥ ଅନୁସରଣ କରାଯାଇଛି। ନେଚର ପତ୍ରିକା ତା'ର ଅଧ୍ୟୟନରେ ଭୁଭାଗ ଆଚ୍ଛାଦନ ନିମନ୍ତେ ତିନିଗୋଟି ବର୍ଗ ବ୍ୟବହାର କରିଥାଏ । ସେଗୁଡିକ ହେଉଛି, ବୃକ୍ଷ ଫସଲ, କ୍ଷଣସ୍ଥାୟୀ ବୃକ୍ଷାଚ୍ଛାଦନ ଏବଂ ଖୋଲା ବା ବନ୍ଧ୍ୟାଞ୍ଚଳ । ତେବେ ବୃକ୍ଷ ଫସଲ ବର୍ଗରେ ବିଭିନ୍ନ ପ୍ରକାରର ଜଙ୍ଗଲକୁ ଅନ୍ତର୍ଭୁକ୍ତ କରାଯାଇପାରେ, ଯେମିତିକି ପ୍ରକୃତିକ ଜଙ୍ଗଲ, ଶାଗୁଆନ ବାୟୁକାଲିପଟସ୍ ଚାଷ ଇତ୍ୟାଦିକୁ । ଦ୍ୱିତୀୟରେ 'ବୃକ୍ଷାଚ୍ଛାଦନ' ର ସମ୍ପ୍ରସାରଣ ନାତିଶୀତୋଷ୍ଣ ଅଞ୍ଚଳରେ ଘଟୁଛି ବୋଲି ଦର୍ଶାଯାଇଛି । ଏଥି ମଧ୍ୟରେ ଚୀନର ନାତିଶୀତୋଷ୍ଣ ଅଞ୍ଚଳ ମଧ୍ୟ ସାମିଲ ହୋଇଛି, କିନ୍ତୁ କ୍ରାନ୍ତୀୟ ବା ଉପକ୍ରାନ୍ତୀୟ ଅଞ୍ଚଳରେ ସେତେ ବେଶୀ ହେଉନାହିଁ ବୋଲି ଦର୍ଶାଯାଇଛି । ଏଥି ମଧ୍ୟରେ ଚୀନର ନାତିଶୀତୋଷ୍ଣ ଅଞ୍ଚଳ ମଧ୍ୟ ସାମିଲ ହୋଇଛି, କିନ୍ତୁ କ୍ରାନ୍ତୀୟ ବା ଉପକ୍ରାନ୍ତୀୟ ଅଞ୍ଚଳରେ ସେତେ ବେଶୀ ହେଉନାହିଁ ବୋଲି ଦର୍ଶାଯାଇଛି । ସର୍ବୋପରି ଜଙ୍ଗଲ କହିଲେ କେବଳ କେତେଗୁଡ଼ିଏ ଗଛର ସମାହାରକୁ ବୁଝାଏ ନାହିଁ, ବରଂ ଏଥି ମଧ୍ୟରେ ବାସ କରୁଥିବା ସମସ୍ତ ପ୍ରକାରର କୀଟ ପତଙ୍ଗ ଓ ଜୀବଜନ୍ତୁଙ୍କୁ ନେଇ ହିଁ ଜଙ୍ଗଲର ସଂଜ୍ଞା ନିର୍ଦ୍ଧାରିତ ହୋଇଥାଏ । ତେଣୁ ଜଙ୍ଗଲ ଅଞ୍ଚଳ ଏବଂ ବୃକ୍ଷାଚ୍ଛାଦିତ ଅଞ୍ଚଳ ମଧ୍ୟରେ ଢ଼େର ପାର୍ଥକ୍ୟ ରହିଛି । ୨୦୦୩ ମସିହା ପରଠାରୁ ଭାରତ ପ୍ରତିବର୍ଷ ଏକ ହଜାର ବର୍ଗକିଲୋମିଟରରୁ ଅଧିକ ଆୟତନରେ ଜଙ୍ଗଲ ହରାଇ ଚାଲିଛି । ଏହାର ଭରଣା ପାଇଁ ଦେଶରେ ଜଙ୍ଗଲ ସୃଷ୍ଟି କରାଯାଉଛି । କିନ୍ତୁ ଯେତିକି ଜଙ୍ଗଲ ଧ୍ୱଂସ କରାଯାଉଛି, ତାର ହାରାହାରି ଅଧା ପରିମାଣର ବୃକ୍ଷ ରୋପଣ କରାଯାଉଛି । ତେବେ ଆଞ୍ଚଳିକ ଅବସ୍ଥାକୁ ବିଚାରକୁ ନ ନେଇ ସବୁ ସ୍ଥାନରେ ଗୋଟିଏ ବା ଦୁଇଟି ପ୍ରକାରର ବୃକ୍ଷ ରୋପଣ କରିବା କେତେକ ଅଞ୍ଚଳରେ ପ୍ରତିକୂଳ ପରିଣତି ପ୍ରଦର୍ଶିତ କରୁଛି । ପରିତାପର ବିଷୟ, ଏଭଳି ବୃକ୍ଷ ରୋପଣର ପରିବେଶ ଉପରେ କେଉଁ ପ୍ରକାରର ପ୍ରଭାବ ରହିଛି, ଅର୍ଥାତ ପାରିବେଶିକ ବ୍ୟବସ୍ଥାରେ ଏହା କେତେଦୂର ସନ୍ତୁଳନ ରଖିବାରେ ସହାୟକ ହେଉଛି, ତାହା ବିଶ୍ୱସ୍ତରୀୟ ଆକଳନରେ ବିଚାରକୁ ନିଆଯାଇ ନାହିଁ ।

## ଜନସାଧାରଣହିଁ ଦାୟୀ

ପଙ୍କଜ କୁମାର ପାଣିଗ୍ରାହୀ

ସମାଜର ସମସ୍ତ ଘଟଣାବଳୀକୁ ସମୀକ୍ଷାକରି ଦେଖିଲେ

ଯେକୌଣସି ପରିସ୍ଥିତି ପାଇଁ କାହାକୁ ଦୋଷାରୋପ କରାଯିବା ପୂର୍ବରୁ

ପ୍ରଥମେ ଜନସାଧାରଣଙ୍କୁହିଁ ଦାୟୀ କରାଯାଇପାରେ !

କାରଣ ସାଧାରଣ ଜନତାଙ୍କ ଅପାରଗତା / ଚତୁରତାହିଁ ସାମାଜିକ ବ୍ୟବସ୍ଥା

ନିମ୍ନ / ଉର୍ଦ୍ଧଗାମୀର ମୂଳ ପିଣ୍ଡ !

ଶାସନ, ପ୍ରଶାସନତ କ୍ଷଣଭଙ୍ଗୁର ମାତ୍ର !

ରାଷ୍ଟ୍ରର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାସହିତ ସାଧାରଣ ଲୋକଙ୍କ ଜୀବନ ପ୍ରଣାଳୀରେ ବାଧକତା ସୃଷ୍ଟିହେଲେ ସେଥିପାଇଁ ସାଧାରଣ ଜନତାଙ୍କୁହିଁ ଦାୟୀ କରାଯାଇ ପାରିବ । କାରଣ ରାଷ୍ଟ୍ରର ଶାସନ, ପ୍ରଶାସନ ବ୍ୟବସ୍ଥା ଚଳାଇବା ପାଇଁ ନିର୍ବାଚିତ, ନିଯୁକ୍ତ ୧ ପ୍ରତିଶତରୁ କମ୍ ମଣିଷ କେବଳ ରାଷ୍ଟ୍ରର ସର୍ବସାଧାରଣଙ୍କ ଦ୍ୱାରା ନିଯୁକ୍ତ ହୋଇଥା'ନ୍ତି ଯେଉଁମାନେ ଅଖଣ୍ଡ କ୍ଷମତାଧାରୀ ନୁହନ୍ତି ! ଅର୍ଥାତ କୌଣସି ପରିସ୍ଥିତିରେ ସାମାଜିକ ବ୍ୟବସ୍ଥା କ୍ଷୁର୍ଣ୍ଣ ହେଲେ ସମ୍ପୃକ୍ତ ମଣିଷ ଗୁଡିକ ସମାଜକୁ ଉତ୍ତରଦାୟୀ ହୋଇଥା'ନ୍ତି, ଯାହାର ସମୀକ୍ଷା କରାଯାଇ ବିଭିନ୍ନ ପଦକ୍ଷେପ ନିଆଯାଇପାରିବା ବ୍ୟବସ୍ଥା ରହିଥାଏ ଗଣତନ୍ତ୍ର ରାଷ୍ଟ୍ରରେ । କୌଣସି କାରଣ ବଶତଃ ସେମାନେ ବିପରୀତମୁଖୀ କାର୍ଯ୍ୟ କରିବା ଦେଖାଗଲେ ସାଧାରଣ ଜନତା ସେମାନଙ୍କ କାର୍ଯ୍ୟଧାରାର ବ୍ୟବଚ୍ଛେଦ କରି ଆବଶ୍ୟକ ସ୍ଥଳେ କଠୋର ଦଣ୍ଡ ବିଧାନ କରିବା କ୍ଷମତା ସର୍ବସାଧାରଣଙ୍କର ରହିଥାଏ । କିନ୍ତୁ ସେହି ୧ପ୍ରତିଶତରୁ କମ୍ ପରିଚ୍ଳନା ଦାୟିତ୍ୱରେ ଥିବା ମଣିଷ ଗୁଡିକ ଯଦି ୯୯ ଶତକଡା ମଣିଷଙ୍କ ଜୀବନ ଧାରାରେ ବାଧକତା ସୃଷ୍ଟି କରନ୍ତି ଆଉ ସାଧାରଣ ଲୋକେ ତାହାର ମୁକାବିଲା କରିବା ଜାଣନ୍ତି ନାହିଁ ତାହେଲେ ସେହି ସ୍ଥିତି / ପରିସ୍ଥିତିରେ ସେମାନଙ୍କୁ ଦୋଷାରୋପ ନକରି ବରଂ ଏହି ୯୯ ଶତକଡା ସାଧାରଣ ଲୋକଙ୍କୁ ଭୁଲ ସାବ୍ୟସ୍ତ କରାଯାଇପାରେ । କାରଣ କ୍ଷମତାରେ ଅନ୍ଧ ହୋଇ କୌଣସି ଅକର୍ତ୍ତବ୍ୟ କରିବା ମଣିଷର ଏକ ସାଧାରଣ ସହଜାତ ପ୍ରକୃତି । କିନ୍ତୁ ସେମାନଙ୍କୁ ପରିଚ୍ଳନା କରିବାରେ ବ୍ୟର୍ଥ ସାଧାରଣ ମଣିଷହିଁ ସେମାନଙ୍କୁ ପ୍ରୋତ୍ସାହନ ଦେଇ ଅଧିକ ପଥଭ୍ରାନ୍ତ କରିବାରେ ସହାୟକ ହୋଇଥା'ନ୍ତି ଯାହାଦ୍ୱାରା ସେମାନେ ନିଜର ବିବେକ ଶୂନ୍ୟ ହୋଇ ଅନେକ ଅକର୍ତ୍ତବ୍ୟ କରିବାକୁ ପଛଘୁଞ୍ଚା ଦେଇନଥା'ନ୍ତି । ଏଥିରେ ସେମାନଙ୍କ ଭୁଲ୍ କମ୍ ଏବଂ ସେମାନଙ୍କୁ ସଜାଗ ରହିବା ପରିବର୍ତ୍ତେ ଆହୁତି ଦେଉଥିବା ଲୋକଙ୍କୁ ଅଧିକ ଦାୟୀ କରାଯାଇପାରେ । ଏମିତି ଅପ୍ରୀତିକର ପରିବେଶରେ କ୍ଷମତାରେ ରହିଥିବା ଲୋକଙ୍କପ୍ରତି ଆକ୍ରୋଶ ଭାବ ରଖାଯାଉଥିବା ଦେଖିବାକୁ ମିଳୁଛି ଯାହାର ସମ୍ପୂର୍ଣ୍ଣ ଉତ୍ତରଦାୟୀ କେବଳ ସାଧାରଣ ଜନତା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅତଏବ ଏମିତି ପରିସ୍ଥିତି ସୃଷ୍ଟି ହୁଏ କାହିଁକି ବିଚ୍ଚର କରି ଦେଖିଲେ ଜାଣିହେବଯେ............

କୌଣସି ସାମାଜିକ ଅବ୍ୟବସ୍ଥା ପାଇଁ କେବଳ ଜନସାଧାରଣଙ୍କୁ ଦାୟୀ କରାଯିବା ଛଡା ଅନ୍ୟ କାହାଉପରେ ଦୋଷ ଲଦିବା ପୂର୍ବରୁ ପ୍ରଥମେ ନିଜର ସାମାଜିକ ଦାଇତ୍ୱ ଉପରେ ତର୍ଜମା କରି ଦେଖିବା କଥା । ଯେଉଁମାନେ ଶାସନ, ପ୍ରଶାସନରେ ସ୍ଥାନ ଅଧିଗ୍ରହଣ କରିଥା'ନ୍ତି ସେମାନେ ମଧ ସାଧାରଣ ଜନତାଙ୍କ ମଧ୍ୟରୁ ଜଣେ । କହିବାକୁ ଗଲେ ସାଧାରଣ ଲୋକେ ଯେମିତି ଦିନରାତି କାହାଠାରୁ କୌଣସି ଉପାୟରେ ଅଧିକ ଅର୍ଥ ଆଦାୟ କରି ନିଜର ଗାରିମା ବୃଦ୍ଧି କରିବାକୁ ପଛାଉନାହାନ୍ତି, ସେଇମାନେ ମଧ ଅନୁରୂପ ଚିନ୍ତା ରଖିବା ଗୋଟିଏ ସାଧାରଣ ମଣିଷ ଚରିତ୍ର । ହେଲେ ଯାହାକୁ ଯେଉଁଠାରୁ ଅଧିକ ସୁଯୋଗ ମିଳିବାର ସୁବିଧା ଅଛି ସିଏ ସେହି ସ୍ଥାନରୁ ଅଧିକା କିଛି ନିଜର କରିବାକୁ ଚେଷ୍ଟା କରିବା କୌଣସି ବିଚିତ୍ର କଥା ନୁହେଁ । କିନ୍ତୁ ସେମାନଙ୍କୁ ଯଦି ସେହି ସ୍ଥାନ ଗୁଡିକରେ ନିୟନ୍ତ୍ରଣ ରେଖା ମଧ୍ୟରେ ରଖାଯାଇଥା'ନ୍ତା ହୁଏତ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୋଇ ବରଂ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ସହାୟକ ହୋଇପାରିଥା'ନ୍ତା ବୋଲି ଆମ ବିଚ୍ଚର । କିନ୍ତୁ ସାଧାରଣ ଲୋକେ ସେମାନଙ୍କୁ ସେମାନଙ୍କ ସ୍ଥାନରେ ଉଚ୍ଚରେ ରଖି ସେମାନଙ୍କ ଜରିଆରେ ସାମାଜିକ ଅର୍ଥ ଆତ୍ମସାତ କରିବା ଉଦେଶ୍ୟ ହେତୁ ସେମାନଙ୍କ ସହ ତାଳରେ ତାଳ ଦେଇ ଚ୍ଚଲୁଥିବା ସମସ୍ତଙ୍କୁ ଗୋଚର । ସାଧାରଣ ମଣିଷ (ସମାଜର କେତେକ ଚ୍ଚଲାକ କେଳେଙ୍କାରୀ ମଣିଷ) ସେମାନଙ୍କ ବୁଦ୍ଧିକୁ ବ୍ୟତିକ୍ରମ କରିବାରେ ଅଧିକ ସହାୟତା କରୁଥିବା କଥା ଆମେ ବୁଝିପାରୁନାହୁଁ ନା କୌଣସି କାରଣରୁ ସେଗୁଡିକୁ ତର୍ଜମା କରିବାର ଆଗ୍ରହ ନାହିଁ ଆମର ?! ତେଣୁ ବାସ୍ତବିକ ଅଜସ୍ର କ୍ଷମତାର ଚ୍ଚବିକାଠି ଥିବା ଜଣେ ନିୟୋଜିତ ବ୍ୟକ୍ତିଙ୍କ ଆତ୍ମଘାତୀ କାର୍ଯ୍ୟ କରିବା ପାଇଁ ଯେତିକି ସାହସ ନଥାଏ ଆମରି ଭିତରୁ ସାଙ୍ଘାତିକ କେଳେଙ୍କାରୀ (ବ୍ୟବସାୟୀ ଦଳ) ସେମାନଙ୍କ ବୁଦ୍ଧି, ଚରିତ୍ର ନଷ୍ଟ କରିବାରେ ସର୍ବାଧିକ ସହାୟକ ହୋଇଥା'ନ୍ତି ! ଏହିଭଳି ପରିସ୍ଥିତିରେ ସେହି କେଳେଙ୍କାରୀ ବ୍ୟବସାୟୀ ଦଳଙ୍କ ନାମ ଠିକଣା ପାଦରେ ନପଡ଼ି ଦାୟିତ୍ୱରେ ଥିବା ଲୋକମାନଙ୍କୁ ପଦାରେ ପକାଯାଉଥିବା ଏକ ଅପ୍ରିୟ ସତ୍ୟ! କ୍ଷମତାସୀନ ମଣିଷ ଗୁଡିକ ନିଶ୍ଚିତ ଏକପ୍ରକାର ସାମାଜିକ ଚେହେରା ଭାବେ ପରିଗଣିତ ହୋଇଥା'ନ୍ତି ଯେଉଁମାନେ ନିଜର ସାମାଜିକ ପଦମର୍ଯ୍ୟାଦା ପ୍ରତି ଅଳ୍ପ ବହୁତ ସଚେତନ ରହିବା କଥା ଯାହା ସେମାନଙ୍କ ଚରିତ୍ରକୁ ନଷ୍ଟ କରିବାରେ ଏହି ଉଚ୍ଚସ୍ତରୀୟ ବ୍ୟବସାୟୀ ମାନେ ଆହୁତି ଦେଇ ସେମାନଙ୍କୁ ଏକରକମ ଅନ୍ଧ କରିଦେଉଛନ୍ତି ! ବିଭିନ୍ନ ସ୍ତରରେ ସେମାନଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କ ମାଧ୍ୟମରେ ଅନେକ ଅର୍ଥ ଆତ୍ମସାତ କରି, ତୁ ଖାଉଥା, ମତେ ଦେଉଥା ନୀତି ପ୍ରୟୋଗ କରିବାରେ ସିଦ୍ଧହସ୍ତ ସେହିମାନେହିଁ ସମାଜର ପ୍ରକୃତ ଶତ୍ରୁ ବୋଲି କହିବାରେ କୌଣସି ଅଯୌକ୍ତିକତା ନାହିଁ । ଅଧିକନ୍ତୁ ସେହି କେଳେଙ୍କାରୀ ଚିନ୍ତାଧାରା ବିଶିଷ୍ଟ ବ୍ୟବସାୟିକ ଗୋଷ୍ଠୀ / ସ୍ୱାର୍ଥନ୍ୱେଷୀ ମଣିଷମାନେହିଁ ଯଥେଷ୍ଟ ଦାୟୀ ବୋଲି ଆମର ଅନୁମାନ କେତେଦୂର ଯୁକ୍ତିଯୁକ୍ତ ବିଚ୍ଚର ଆପଣ ମାନଙ୍କର ।

ଇତି ମଧ୍ୟରେ ମଧ୍ୟମ ଏବଂ ନିମ୍ନ ସ୍ତରରେ ଥିବା ମଣିଷ ଗୁଡିକ ସେମାନଙ୍କ ଚ୍ଚତୁରୀକୁ ବୁଝିନପାରି କେବଳ ସେମାନଙ୍କ ଚତୁରତାର ଶିକାର ହୋଇଆସୁଥିବା କୌଣସି ନୂଆ ନୁହେଁ ବରଂ ଏକ ବହୁ ପୁରାତନ ପାରମ୍ପରିକ ରୀତି । ଅନ୍ୟ ପକ୍ଷରେ ଜଣେ ସାଧାରଣ ମଣିଷ କୌଣସି କାର୍ଯ୍ୟ ହାସଲ କରିବା ପାଇଁ ଉତ୍କୋଚ ହାତଗୁଂଜା ନଦେଇ ଗୋଷ୍ଠିବଦ୍ଧ ଭାବେ ସରକାର, ପ୍ରଶାସନିକ ଅଧିକାରୀଙ୍କୁ ସେମାନଙ୍କ ପ୍ରତିବାଦ ଜଣାଇ ସାର୍ବଜନୀନ କରାଇବା ପାଇଁ ଚେଷ୍ଟା କରିଥିଲେ ହୁଏତ ସେହି ସ୍ଥାନ ମାନଙ୍କରେ ଥିବା କର୍ମଚ୍ଚାରୀ, ପ୍ରତିନିଧି ସତର୍କ, ସାବଧାନ ହୋଇଥା'ନ୍ତେ ଯଦ୍ୱାରା କୌଣସି ସାମାଜିକ ଭ୍ରଷ୍ଟାଚ୍ଚର ସୃଷ୍ଟି ହୋଇନଥା'ନ୍ତା । କିନ୍ତୁ ସେଇ ସାଧାରଣ ଜନତା ନିଜର ସୁବିଧାକୁ ଆଖିଆଗରେ ରଖି ସବୁ ହିସାବ ନିକାସ କରି କୌଣସି ସ୍ଥାନରେ ଲାଞ୍ଚ, ହାତଗୁଂଜା ଦେବାକୁ ପଛାଉନାହାଁନ୍ତି କ'ଣ ବରଂ ନିଜ ପକ୍ଷରୁ ସେମାନଙ୍କୁ ପ୍ରଲୋଭନ ଦେଖାଇ ନିଜର କାର୍ଯ୍ୟ ହାସଲ କରୁଥିବା ଏକ ନିରାଟ ସତ୍ୟ କଥା ଯାହା ଆମେ ସମସ୍ତେ ଜାଣିଛେ, କରୁଛେ । ଅତଏବ ସେହି କର୍ମଚ୍ଚାରୀ, ପ୍ରତିନିଧିଙ୍କ ଅପେକ୍ଷା ସାଧାରଣ ଲୋକ ସମ୍ପୂର୍ଣ୍ଣ ଦାୟୀ ବୋଲି କହିବା ଅଯୌକ୍ତିକ ନା ଯୌକ୍ତିକ ବିଚ୍ଚର ଆପଣ ମାନଙ୍କର! ସେମିତି ତଳୁ ଉପର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କାର୍ଯ୍ୟଧାରା ଚ୍ଚଲୁଥିବା ହେତୁ ବର୍ତ୍ତମାନ ସାମାଜିକ ସ୍ଥିତି ଏକରକମ ନିମ୍ନ ସ୍ତରକୁ ଚ୍ଚଲିଯାଇଥିବା କେହି ଅସ୍ୱୀକାର କରିପାରିବେ ନାହିଁ ।

ଶେଷରେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କେଳେଙ୍କାରୀରେ ବ୍ୟବସାୟୀ, ସାମାଜିକ କର୍ମୀ କର୍ମଚ୍ଚାରୀଙ୍କ ସହିତ ହାତକୁ ହାତ ମିଶାଇ ସମାଜକୁ ତଳିତଳାନ୍ତ କରୁଥିବା ହେତୁ ସାମାଜିକ ସର୍ବୋଚ୍ଚ ସ୍ଥାନରେ ଅବସ୍ଥାପିତ ହୋଇଥିବା ଲୋକଟି ମୁଣ୍ଡରେ ସବୁ ଦୋଷାରୋପ ଛିଂଡୁଥିବା ଦେଖିବାକୁ ମିଳୁଛି । କହିବାକୁ ଗଲେ ସେହି ସାମାଜିକ ଉଚ୍ଚସ୍ଥାନିତ ବ୍ୟକ୍ତି ଜଣଙ୍କ କୌଣସି ଅବୈଧ କାର୍ଯ୍ୟରେ ଲିପ୍ତ ଥା'ନ୍ତି କି ନଥା'ନ୍ତି ସାଧାରଣ ଲୋକ ଜାଣିପାରୁନଥିଲେ ମଧ ସବୁ ଦୁର୍ନାମ ସେମାନଙ୍କୁ ଶୁଣିବାକୁ ପଡିଥାଏ ଯାହା ମାନୁଷିକ ଚିନ୍ତାସମ୍ପନ୍ନ ବୋଲି କହିହେବ ନାହିଁ ! ପୁଣି ଗଣତନ୍ତ୍ର ରାଷ୍ଟ୍ରର ସେହି ଉଚ୍ଚାଧୀସ୍ଥାନରେ ଅବସ୍ଥାପିତ ମଣିଷମାନେ ମଧ ଭଗବାନ କିମ୍ବା ମହାରାଜା ନୁହଁନ୍ତି ଯେ ସେମାନେ ଯାହା ଚ୍ଚହିଁବେ ତାହା କରିପାରିବା ଭଳି କ୍ଷମତା ସେମାନଙ୍କ ପାଖରେ ଥିଲେ ମଧ ଏମିତି ଅନୈତିକ କାର୍ଯ୍ୟ ହୋଇଥା'ନ୍ତା କି ନାହିଁ ଦେଖାଯାଇଥା'ନ୍ତା । ସବୁ କ୍ଷେତ୍ରରେ ସେମାନେ ମଧ ଏକ ଗୋଷ୍ଠୀ ସହିତ ଯୋଡିହୋଇ କାର୍ଯ୍ୟ କରିଥା'ନ୍ତି ଯେଉଁଥିରେ ଅନେକ ପ୍ରକାର ଚରିତ୍ର ରହିଥା'ନ୍ତି ଯେଉଁମାନେ ଅନେକ କେଳେଙ୍କାରୀରେ ଲିପ୍ତ ରହିଥିବା ଦେଖାଯାଏ । କିନ୍ତୁ ଶେଷରେ ଶାସନ ମୁଖ୍ୟଙ୍କୁ ସବୁ କଥାରେ ଦାୟୀ କରାଯିବା କେତେ ଯୌକ୍ତିକ ବିଚ୍ଚର କରି ଦେଖାଯିବା କଥା ।

ପରିଶେଷରେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଅନେକ ଦିଗରୁ ପରୀକ୍ଷା କରି ଦେଖିଲେ ଜଣାଯାଏଯେ ସାଧାରଣ ଲୋକଙ୍କ ସ୍ୱାର୍ଥନ୍ୱେଷୀ କାର୍ଯ୍ୟ କଳାପ ସେହି ସମ୍ମାନସ୍ୱଦ ପ୍ରତିନିଧି, କର୍ମଚରୀ ମାନଙ୍କୁ ଅବାଟରେ ନେଇଯିବାରେ ଯଥେଷ୍ଟ ସହାୟକ ହେଉଥିବା ଆମେ ବୁଝିପାରୁନାହାନ୍ତି ନା ମାରେ ମାରେ ଭଣ୍ଡାରୀକୁ ମାରେ ନୀତି ଆପଣେଇ ସେହି ଅସାମାଜିକ କ୍ଷମତାଧାରୀ ସାଧାରଣ ମଣିଷ ମାନଙ୍କୁ ଭୟ କରି କେବଳ କ୍ଷମତାରେ ଥିବା ପ୍ରତିନିଧି, କର୍ମଚ୍ଚରୀଙ୍କୁ ଭଣ୍ଡାରୀ କରି ମାରଣ ନୀତି ଆପଣେଇଛୁ ଆମେ, ବିଚ୍ଚର ଯୋଗ୍ୟ ! ତେଣୁ ସାମାଜିକ କ୍ଷେତ୍ରର ସମସ୍ତ ସ୍ୱେଚ୍ଛାସେବୀ ତଥା ବୁଦ୍ଧିଜୀବୀ ସେହି ଶାସନ, ପ୍ରଶାସନିକ ଅଧିକାରୀଙ୍କ ଅପେକ୍ଷା ଯଦି ସମାଜକୁ ବାସ୍ତବିକ କଳଙ୍କିତ କରୁଥିବା ସାଧାରଣ ଜନତା ଯେଉଁମାନେ ସାମାଜିକ ଅବନତି ପାଇଁ ଯଥେଷ୍ଟ ଦାୟୀ, ସେମାନଙ୍କୁ ସଚେତନ କରିପାରିଥା'ନ୍ତେ ତାହାଲେ ଅତ୍ୟନ୍ତ ସୁଚ୍ଚରୁ ରୂପେ ସବୁ ସାମାଜିକ ଅବ୍ୟବସ୍ଥାକୁ ଅଚିରେ ପାର କରିହୋଇଥା'ନ୍ତା ବୋଲି ଆମ ବିଚ୍ଚର ଧାରରେ ଆପଣଙ୍କ ସହମତି ଜଣାଇବାକୁ ଅନୁରୋଧ ପୂର୍ବକ ରହିଲି..........!

ଧନ୍ୟବାଦ ।


+ ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗଂଜାମ ।
ଦୂରଭାଷ- ୯୪୩୭୩୨୪୯୧୭.





## ଶଗଡ଼ ଗାଡ଼ି....

ଧ୍ରୁବ ଚରଣ ବେହେରା

ଶଗଡ଼ ଗାଡ଼ି ସେ ଶଗଡ଼ ଗାଡ଼ି
ରାସ୍ତା ପରେ ଦେଖ ଯାଉଛି ଗଡ଼ି ॥

ଦୁଇ ଚକା ତାର ଗୋଟିଏ ଭାଡ଼ି
ରହି ରହି ଚାଲେ ଘଡ଼ିକି ଘଡ଼ି ॥

କାଶିଆ କପିଳା ଦୁଇ ବଳଦ
ଭିଡ଼ନ୍ତି ଆଗକୁ ପକାଇ ପାଦ ॥

ଆଗରେ ବସିଛି କାଶିଆ ନନା
ଖିଲି ପାନ ଖାଇ ଗାଉଛି ଗାନା ॥

ରାମ ସୀତାଙ୍କର ବିବାହ ଗାଇ
ଶଗଡ଼ ନେଉଛି ଆଗକୁ ବାହି ॥

ହାତରେ ତାହାର ଧରିଛି ବାଡ଼ି
ଲାଗିଛି ସେଥିରେ ଖଣ୍ଡେ ଦଉଡ଼ି ॥

ଅମାନିଆଁ ହେଲେ ବଳଦ ଦୁଇ
ପିଠିରେ ପାହାରେ ଦିଏ ପକାଇ ॥

ଶଗଡ଼ ଉପରେ ଡୋଲିଟେ ଅଛି
ଡୋଲି ଭିତରେ ବୋହୂ ବସିଛି ॥

ନୂଆ ବୋହୂ ଟିଏ ବୋଲି ଭିତରେ
ଓଢ଼ଣୀ ପକାଇ ଚାହିଁଛି ଧିରେ ॥

ଯାଉଅଛି ବୋହୂ ପୁଆଣୀ ହୋଇ
ବାପଘର କଥା ଦେଉଛି କହି ॥

ବସି ଶୁଣୁଛନ୍ତି ଯା ନାଣନ୍ଦ
ଖାଉଛନ୍ତି ବସି ଶାକର କନ୍ଦ ॥

ଦଶ ଦିନ ପରେ ଆସିବ ଫେରି
କାଶିଆ ନନାର ସୁନ୍ଦରୀ ଗୋରୀ ॥

ପିଠା ପଣା ସାଥେ ହୁଡୁମ ମୁଢ଼ି
ଡୋଲି ଭରିକି ସେ ଆସିବ ଫରି ॥

ଏବେ ସିନା ହେଲା ଗାଡ଼ି ମଟର
ସେତେବେଳେ ଥିଲା ଶଗଡ଼ ଭାର ॥

ବୋଉ ସାଥେ ଯାଉ ମାମୁଁ ଘରକୁ
ଶଗଡ଼ ଗାଡ଼ିରେ ଫେରୁ ଗାଆଁକୁ ॥

ନାହିଁ ଏବେ ଆଉ ଶଗଡ଼ ଗାଡ଼ି
ସେ କାଳ ପଖାଳ ଯାଇଛି ଉଡି ॥

ଶଗଡ଼ ଗାଡ଼ିର ଯାତ୍ରା ନିଆରା
ଅତୀତର ସ୍ମୃତି ଖୁସି ପସରା ॥

କିଏ ସେ ବସିଛି ଶଗଡ଼ ଗାଡ଼ି
ହାତ ଟେକି ମୋର କବିତା ପଢ଼ି ॥


+ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡ଼ଖଣ୍ଡ ।
ମୋ: ୮୩୨୮୯୩୦୫୫୪


## ଦି ଗ୍ରେଟ ଫ୍ରେଣ୍ଡସ-୨

ଡାକ୍ତର ସୁରେନ୍ଦ୍ର ନାଥ ଦାଶ



ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କର ଦୁଇ ବନ୍ଧୁ ହେରମାନ କେଲେନବାକ ଓ ସୋଞ୍ଜ୍ର ସୋଲସିନଙ୍କ କଥା ଆଗରୁ ବର୍ଣ୍ଣନା ହୋଇ ସାରିଛି । ଆଜି ଆଉ ଦୁଇ ଜଣ ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକା ବନ୍ଧୁ ହେନେରି ସୋଲମାନ ପୋଲକ ଓ ଜୋସେଫ ଡୋକଙ୍କ ବିଷୟରେ ବର୍ଣ୍ଣନା କରିବାକୁ ଯାଉଛି । ବିଶ୍ୱରେ ଅସଂଖ୍ୟ ଦେଶୀ ଓ ବିଦେଶୀ ବ୍ୟକ୍ତି ଗାନ୍ଧୀଙ୍କ ଜିବନୀ ଲେଖିବାର ସୌଭାଗ୍ୟ ପାଇଥିଲେ ମଧ୍ୟ ପ୍ରଥମ ଲେଖକର ଗୌରବ ଦକ୍ଷିଣ ଆଫ୍ରିକାର ଜୋସେଫ ଡୋକଙ୍କୁ ମିଳିଛି । ସେ ଗାନ୍ଧୀଙ୍କର ପରମ ବନ୍ଧୁ ଓ ପ୍ରସଂଶକ ଥିଲେ । ଇଂଲଣ୍ଡର ଡୋଭର ଠାରେ୧୮୬୧ ମସିହାରେ ଜନ୍ମ ହୋଇ ଜଣେ ପାଦ୍ରୀ ରୂପେ ଦକ୍ଷିଣ ଆଫ୍ରିକା ଆସିଥିଲେ । ନିରାମିଶ ଭୋଜନାଳୟରୁ ଗାନ୍ଧୀଙ୍କ ସହ ତାଙ୍କର ବନ୍ଧୁତା ହେଲା । ୧୯୦୮ ମସିହାରେ ସତ୍ୟାଗ୍ରହ ବେଳେ ଗାନ୍ଧୀ ଜଣେ ଆଫଗାନ ଉଦଭ୍ରାନ୍ତ ଦ୍ୱାରା ସାଂଘାତିକ ଆହତ ହେଲେ । ଭାରତୀୟ ବନ୍ଧୁ ମାନେ ତାଙ୍କୁ ହାସପାତାଳ ନେବାକୁ ସ୍ଥିର କଲେ । ମାତ୍ର ଡୋକ ଗାନ୍ଧୀଙ୍କୁ ନିଜ ଘରେ ରଖି ଯତ୍ନ ନେବାକୁ ଇଚ୍ଛା ପ୍ରକାଶ କଲେ । ନିଜ ପୁଅର କକ୍ଷରେ ଗାନ୍ଧୀଙ୍କୁ ରଖିଲେ । ତାଙ୍କ ପିଲା ମାନେ ଗାନ୍ଧୀଙ୍କ ସେବା କଲେ । ସକାଳୁ ବଗିଚାରୁ ଫୁଲ ଆଣି ରୁମ ସଜାଇଲେ । ସିତାର ରେ ଯୀଶୁଙ୍କ ଜଣାଣ ଗାନ କଲେ । ଅନେକ ବନ୍ଧୁ ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ତାଙ୍କ ଘରକୁ ଆସିଲେ । ସମସ୍ତଙ୍କ ଖବର ସେ ବୁଝିଲେ ।୧୯୦୯ ମସିହାରେ ସେ "ଏ ପାଟ୍ରିଅଟ ଇନ ସାଉଥ ଆଫ୍ରିକା" ନାମକ ଗାନ୍ଧୀଙ୍କର ଜିବନୀ ପ୍ରକାଶ କଲେ ।୧୯୧୪ ମସିହାରେ ମାନ୍ଦ୍ରାଜରୁ ଏହାର ଭାରତୀୟ ସଂସ୍କରଣ ପ୍ରକାଶ ହେଲା । ୧୯୧୩ ମସିହାରେ ରୋଡେସିଆରେ ମିଶନାରୀ କାର୍ଯ୍ୟରେ ଥିଲା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହେଲା । ସେ ଈଶ୍ୱରଙ୍କ ଛଡା କାହାକୁ ଡରୁ ନଥିଲେ। ତାଙ୍କ ମୃତ୍ୟୁରେ ଏହା ଥିଲା ଗାନ୍ଧୀଙ୍କ ବାର୍ତ୍ତା।

ହେନେରୀ ସୋଲେମନ ପୋଲକ: ପୋଲକ ପରମ ଗାନ୍ଧୀ ଭକ୍ତ ଓ ତାଙ୍କର ହନୁମାନ ଭଳି ଥିଲେ । ସେ ୧୮୮୨ ମସିହାରେ ଡୋଭର ଠାରେ ଜନ୍ମ ନେଇଥିଲେ । ୧୯୦୩ ମସିହାରେ ଭାଗ୍ୟ ଅନ୍ୱେଷଣରେ ଦକ୍ଷିଣ ଆଫ୍ରିକା ଆସି ୧୯୦୪ ମସିହାରେ ଏକ ନିରାମିଶାଷୀ ହୋଟେଲରେ ତାଙ୍କର ଗାନ୍ଧୀଙ୍କ ସହ ପରିଚୟ ହେଲା । ସେ ସେତେବେଳେ ଟ୍ରାନସଭାଲ କ୍ରିଟକସ ନାମକ ପତ୍ରିକାର ସଂପାଦକ ଥିଲେ । ଏହି ସମୟରେ ଜୋହେନସ ବର୍ଗ ଭାରତୀୟ ଖଣି ଶ୍ରମିକଙ୍କ ମଧ୍ୟରେ ପ୍ଲେଗ ରୋଗ ଦେଖା ହେଲା । ସେବା କରିବା ପାଇଁ ଗାନ୍ଧିଜୀ ସ୍ୱେଚ୍ଛାସେବୀ ମାନଙ୍କୁ ଆହ୍ୱାନ କଲେ ଓ ପୋଲକ ନିଜ ଚାକିରି ଛାଡି ଗାନ୍ଧୀଙ୍କ ପାଖକୁ ଚାଲି ଆସିଲେ । ଗାନ୍ଧୀଙ୍କ ଅନୁରୋଧରେ ସେ କିଛିଦିନ ଇଣ୍ଡିଆନ ଓପିନିଅନ ପତ୍ରୀକାର ସଂପାଦନା କଲେ । ଗାନ୍ଧୀ ନିଜେ ଦାୟିତ୍ୱ ନେଇ ସେ ଭଲ ପାଉଥିବା ମିଲିଙ୍କୁ ହେନେରୀଙ୍କ ସହ ବିବାହ କରାଇ ଦେଲେ ଓ ସେମାନଙ୍କୁ ନିଜ ଘରେ ରଖିଲେ । ପରେ ସମସ୍ତେ ଫିନିସ ଆଶ୍ରମରେ ରହିଲେ । ଗାନ୍ଧୀଙ୍କୁ ସେ ଜନରସ୍କିନଙ୍କ ଲିଖିତ ଅନ ଟୁ ଦି ଲାଷ୍ଟ (On to the last) ପୁସ୍ତକ ପଢିବାକୁ ଦେଇଥିଲେ । ତାହା ଗାନ୍ଧୀଙ୍କୁ ସଂପୂର୍ଣ୍ଣ ପ୍ରଭାବିତ କରିଥିଲା । ପରବର୍ତ୍ତି ଜୀବନରେ ସର୍ବୋଦୟ ଭାବନା ସେଥିରୁ ଜନ୍ମ ନେଇଥିଲା । ୧୯୦୯ ମସିହାରେ ଗାନ୍ଧୀଙ୍କ ବାର୍ତ୍ତା ନେଇ ସେ ଭାରତ ଆସି ଗୋଖେଲ ସମେତ ଅନେକ ନେତାଙ୍କୁ ଗାନ୍ଧୀଙ୍କ ସଂଗ୍ରାମ ଓ ମହାନତା ବିଷୟରେ କହିଥିଲେ । "How Indians are treated in South Afrika" ନାମକ ଏକ ବହି ଲେଖି ମାନ୍ଦ୍ରାଜର ନାଟସନଙ୍କ ଦ୍ୱାରା ତିନି ଖଣ୍ଡରେ ପ୍ରକାଶ କରିଥିଲେ । ୧୯୧୧ ରେ କଲିକତା କଂଗ୍ରେସ ଅଧିବେଶନରେ ଗାନ୍ଧୀଙ୍କ ତରଫରୁ ଚୁକ୍ତି ଭିତିକ ଶ୍ରମିକ ପ୍ରଥାର ବିଲୋପ ପାଇଁ ପ୍ରସ୍ତାବ ଦେଇଥିଲେ ଓ ତାହା ଗୃହିତ ହୋଇଥିଲା । ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଫେରିଲାପରେ ସେ ୧୯୧୬ ପର୍ଯ୍ୟନ୍ତ ସେଠାରେ ରହି ଇଂରେଜ ମାନଙ୍କ ସହ ହୋଇଥିବା ଚୁକ୍ତିର କାର୍ଯ୍ୟକାରୀ କରାଇଥିଲେ । ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ପ୍ରସ୍ଥାନ ପରେ୧୯୧୬ ମସିହାରେ ସେ ପରେ ନିଜ ଦେଶ କୁ ଫେରିଗଲେ । ଗାନ୍ଧୀଙ୍କ ବିଷୟରେ ସେ ଓ ତାଙ୍କ ସ୍ତ୍ରୀ ମିଳି ଦିଓଟି ବହି ଲେଖିଛନ୍ତି । ଗାନ୍ଧୀଙ୍କ ମୃତ୍ୟୁ ପରେ ଭାରତ ସରକାରଙ୍କ ନିମନ୍ତ୍ରଣରେ ୧୯୫୦ ମସିହାରେ ଭାରତ ଆସି ଗାନ୍ଧୀ ସ୍ମୃତିପୀଠ ମାନ ପରିଦର୍ଶନ କରିଥିଲେ ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬

## ଚିନାବାଦାମ

**ଚିନାବାଦାମ ମଣିଷ ପାଇଁ ଈଶ୍ୱରଙ୍କ ବରଦାନ ସ୍ୱରୂପ । ଏଥିରେ ପ୍ରୋଟିନ ସହିତ ବିଭିନ୍ନ ପ୍ରକାର ଭିଟାମିନ ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ବିଷାକ୍ତ ପ୍ରତିକ୍ରିୟାରୁ ଦେହକୁ ରକ୍ଷା କରିଥାଏ । ଏଥିରେ ଲୌହ , କ୍ୟାଲିସିୟମ, ଜିଙ୍କ, ମ୍ୟାଗ୍ନେସିୟମ, ପୋଟାସିୟମ , ସେଲେନିୟମ, ମାଙ୍ଗାନିଜ ଓ କପର ପ୍ରଭୃତି ଭରପୂର ପରିମାଣରେ ରହିଥାଏ ।**



ଚିନାବାଦାମରେ ଥିବା 'ନିଆସିନ' ଆଲାଜାଇମର ପରି ରୋଗର ଏକ ଉତ୍ତମ ପ୍ରତିରୋଧକ । ଏହା ମସ୍ତିଷ୍କରେ ରକ୍ତ ପ୍ରବାହ ବୃଦ୍ଧି କରି ଆଲାଜାଇମର ଆଶଙ୍କାକୁ ଦୂରକରେ ।

ଏଥିରେ ଥିବା ଭିଟାମିନ ଇ ତ୍ୱଚାକୁ ସ୍ନିଗ୍ଧ ଓ କୋମଳ କରିବା ସହ ଚମକ ବୃଦ୍ଧି କରେ । ତା ସହିତ ବୟସର ପ୍ରଭାବକୁ ମଧ୍ୟ ହ୍ରାସ କରେ ।

ଚିନାବାଦାମରେ ଭିଟାମିନ ଏଚ ମଧ୍ୟ ରହିଛି । ଏଥିରେ ଥିବା 'ବାୟୋଟିନ' ବଳ ଓ ନଖ ପାଇଁ ଅତ୍ୟନ୍ତ ଉପଯୋଗୀ ।

ଶିଶୁ ଓ କିଶୋର/ କିଶୋରୀଙ୍କ ପାଇଁ ଚିନାବାଦାମ ଏକ ଉତ୍ତମ ଖାଦ୍ୟ । ଏହା ସେମାନଙ୍କ ଶରୀରିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରେ ।

ଚିନାବାଦାମ ନିୟମିତ ଖାଇଲେ ମଧୁମେହ ଆଶଙ୍କା ଶତ ପ୍ରତିଶତ ଦୂର ହୁଏ ।

ରକ୍ତରେ ଶର୍କରା ସ୍ତରକୁ ନିୟମନ୍ତ୍ରଣ କରେ ।

ଶରୀରରେ ଥିବା କ୍ୟାଲସିୟମର ଅବଶୋଷଣ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ପାକଶକ୍ତିକୁ ଦୃଢ଼ କରେ ।

ଏଥିରେ ଥିବା 'ଟ୍ରିପଟୋଫୋନ' ନାମକ ଆମିନୋଏସିଡ ମାନସିକ ସ୍ଥିରତା ପ୍ରଦାନ କରିବା ସହ ଚାପ ଦୂର କରେ ।

ଖରାପ କୋଲେଷ୍ଟରଲ ନାଶ କରିବା ସହ ଭଲ କୋଲେଷ୍ଟରଲ ବୃଦ୍ଧି କରି ହୃଦରୋଗ ଆଶଙ୍କା ଦୂର କରେ ।

ପେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଓ ଫଙ୍ଗାଲ ଇନଫେକ୍ସନର ଉତ୍ତମ ପ୍ରତିରୋଧକ ।

## ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

**ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ୍ୟ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।**

◆ ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ୍ୟ ଦୂର ହୋଇଥାଏ।

◆ ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।

◆ ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚଜ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।




◆ ୧ବଡ଼ ଚାମଚ ଲେମ୍ବୁ ରସରେ ଅଧ ଚାମଚ ହଳଦୀ ଗୁଣ୍ଡ ମିଶାଇ ତାହାକୁ ବ୍ରଣରେ ଲଗାଇପାରିବେ । ୧୦-୧୨ ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।

◆ ବେସନ, ହଳଦୀ ତଥା ଦହି ପ୍ୟାକ୍ ମଧ ବ୍ରରକୁ ଦୂରେଇ ବାରେ ସାହାଯ୍ୟ କରେ । ଅନ୍ୟ ଏକ ଘରୋଇ ପ୍ୟାକ୍ ହେଲା ଚନ୍ଦନଗୁଣ୍ଡ ପାଉଡର ଓ ଚିମୁଟାଏ ହଳଦୀରେ



କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।

◆ କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ

◆ ଦୈନିକ ସ୍ନାନ ପୂର୍ବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।

## ସ୍ମାର୍ଟ ଫୋନ ବ୍ୟାଟେରି ନିରାପତ୍ତାର ନୂଆ ପଦ୍ଧତି



ସ୍ମାର୍ଟ ଫୋନ, ଲାପଟପ୍ ଭଳି ଇଲେକ୍ଟ୍ରୋନିକସ ସାମଗ୍ରୀରେ ବ୍ୟବହୃତ ବ୍ୟାଟେ ସାଧାରଣତଃ ଲିଥିଅମ-ଆୟନ ଉପାଦାନରେ ତିଆରି । ଏହି ବ୍ୟାଟେରି ସଂପୂର୍ଣ୍ଣ ବିପଦଶୂନ୍ୟ ନୁହେଁ । ଅଧିକ ସମୟ ଧରି ଫୋନ ବ୍ୟବହାର ଦ୍ୱାରା ବ୍ୟାଟେରି ତରଳିଯିବା କିମ୍ବା ମୋବାଇଲରୁ ନିଆଁ ବାହାରିବା ଭଳି ସମସ୍ୟା ହୁଏ । ଏପରି ସମସ୍ୟାରୁ ରକ୍ଷା ପାଇଁ ଆମେରିକାର ଡ୍ରେକ୍ସେଲ ବିଶ୍ୱବଦ୍ୟାଳୟର କାରିଗରୀ ବିଶେଷଜ୍ଞମାନେ ଏକ ନୂଆ ପଦ୍ଧତି ବିକଶିତ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି 'ନାନୋଡାଇମର୍ଡ' ନାମକ ଏକ ସୂକ୍ଷ୍ମ ଉପାଦାନ, ଯାହା ଖଣ୍ଡେ କେଶ ମୋଟେଇର ଦଶ ହଜାର ଭାଗରୁ ମାତ୍ର ଏକ ଭାଗ ।

## ମହୁର ଚମତ୍କାରୀ ଉପଯୋଗ



**ମହୌଷଧି ମହୁକୁ ନିୟମିତ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଶେଷଜ୍ଞଙ୍କ ପରାମର୍ଶରେ ପିଲାଠାରୁ ବୟସ୍କ ଆବଶ୍ୟକ ପରିମାଣରେ ମହୁ ଖାଇବା ଉଚିତ ।**

୧ଚାମଚ ମହୁରେ ଅଧ ଚାମଚ ପାଣି ମିଶାଇ କେଶରେ ଲଗାନ୍ତୁ । ୧୫ମିନିଟ୍ ପରେ କେଶ ଶ୍ୟାମ୍ପୁ କଲେ କେଶ କୋମଳ ହେବା ସହ ଚମକପ୍ରଦ ହୁଏ ।

ମହୁ, ପାଣି ଓ ଭିନେଗାରକୁ ସମାନ ଭାବରେ ମିଶାଇ ସ୍ପ୍ରେ ପରି ଗଛରେ ପକାନ୍ତୁ । ଏହା ଏକ କୀଟନାଶକ ଭଳି କାମ କରେ ।

ବ୍ରଣକୁ ତୁରନ୍ତ ଦବାଇବାକୁ ଚାହୁଁଥିଲେ ଆଙ୍ଗୁଠି ଟିପରେ ମହୁ ନେଇବ୍ରଣ ସ୍ଥାନରେ ଲଗାନ୍ତୁ ଦେଖିବେ ବ୍ରଣ ଦବିଯିବ ।

ସୁଗାର ଫ୍ରି ବଦଳରେ ମଧୁମେହ ରୋଗୀ ଖାଦ୍ୟପେୟରେ ମହୁ ବ୍ୟବହାର କରିବା ଉଚିତ । ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ ।

ନିଦ୍ରାହୀନ ରୋଗୀ ଅଧ ଚାମଚ ମହୁରେ ସାମାନ୍ୟ ଲୁଣ ମିଶାଇ ଖାଇଲେ ଭଲ ନିଦ ହୋଇଥାଏ ।

ଶରୀରର କୌଣସି ଜାଗା କଟିଗଲେ, ତୁରନ୍ତ ମହୁ ଲଗାଇଲେ ତାହା ଆଣ୍ଟିସେପଟିକ୍ ଭାବେ କାମ କରେ ।

ଶରୀରର ତ୍ୱଚାକୁ ସଫା କରିବାକୁ ହେଲେ ୩ଚାମଚ ମହୁ ଓ ୨ଚାମଚ ଅଲିଭ ତେଲକୁ ନେଇ ବାଲଟିଏ ପାଣିରେ ମିଶାନ୍ତୁ । ଏହି ପାଣିରେ ଗାଧୋଇଲେ ତ୍ୱଚା ସଫା ହୁଏ ।

ଅତ୍ୟଧିକ ଉଦବେଗରେ ଥିଲେ, ୧କପ୍ ଚାହାରେ ଅଧ ଚାମଚ ମହୁ ମିଶାଇ ପିଇଲେ ଉପଶମ ମିଳେ । ଦୁର୍ବଳ ଲାଗିଲେ ୧ଚାମଚ ମହୁ ଖାଇଲେ ଶରୀରକୁ ଶକ୍ତି ମିଳେ ।

## କ୍ଷୀରରେ ସୌନ୍ଦର୍ଯ୍ୟ ଚର୍ଚ୍ଚା






କ୍ଷୀର ସହଜରେ ଉପଲବ୍ଧ । ଏହାକୁ ଏହାକୁ ବ୍ୟବହାର କରି ଉତ୍ତମ ସୌନ୍ଦର୍ଯ୍ୟଚର୍ଚ୍ଚା କରିହେବ। ଗ୍ରୀକ୍ ସୁନ୍ଦରୀ କ୍ଲିଓପାଟ୍ରା ନିୟମିତ୍ ଭାବେ ଖିରର ପ୍ରୟୋଗ ନିଜ ତ୍ୱଚାରେ କରୁଥିବା ଇତିହାସରୁ ଜଣାପଡ଼େ । ତ୍ୱଚାକୁ ସଫା ରଖିବା ନିମନ୍ତେ କ୍ଷୀର ସବୁଠୁ ଉତ୍ତମ ସାମଗ୍ରୀ । ସକାଳୁ ଉଠିବା ପରେ ହେଉ କିମ୍ବା ବାହାର ଆସିବା ପରେ ତୁଳାକୁ କ୍ଷୀରରେ ଭିଜାଇ ମୁହଁକୁ ଭଲଭାବରେ ପୋଛିନିଅନ୍ତୁ ।

କେଶ ଶୁଷ୍କ ଥିଲେ କିମ୍ବା ରୁପି ହେଉଥିଲେ, କଞ୍ଚାକ୍ଷୀରକୁ ତୁଳା ସାହାଯ୍ୟରେ ନେଇ କେଶରେ ଲଗାନ୍ତୁ । ୨୦ ମିନିଟ୍ ପରେ କେଶ ଧୋଇନିଅନ୍ତୁ । ନିୟମିତ ଭାବରେ ୧୫ଦିନ ଏହିପରି କରିବା ଦ୍ୱାରା କେଶରେ ଚମକ ଆସିଥାଏ ।

୩ଚାମଚ ଖିରରେ ୨ଚାମଚ କମଳା ରସ ନିୟମିତ ଲଗାଇବା ଦ୍ୱାରା ତ୍ୱଚା ସଫା ହୋଇଥାଏ ।

ଭଲ ଭାବରେ ସିଝା ହୋଇଥିବା କ୍ଷୀରରେ ୧ଛୋଟ ଚାମଚ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ । ୨୦ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇ ନିଅନ୍ତୁ ।

କ୍ଷୀର ଓ ଆଳୁରସକୁ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହେବା ସହ କୋମଳ ହୋଇଥାଏ ।

ପେସ୍ତାବାଦାମ ଗୁଣ୍ଡରେ କ୍ଷୀର ମିଶାଇ ମୁହଁ, ବେକ, ହାତ ଓ ଗୋଡ଼ରେ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସେ ।

## ଶରୀର ଷ୍ଟ୍ରେଚିଂ

**ଶରୀରର ମଧ୍ୟଭାଗ ସମସ୍ତପ୍ରକାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଧାରଣ କରିଛି । ହୃଦଯନ୍ତ୍ର, ଫୁସଫୁସଠାରୁ ଆରମ୍ଭ କରି ଯକୃତ, ପ୍ଲୀହା, ପିତ୍ତକୋଷ, ଅଗ୍ନାଶୟ, କ୍ଷୁଦାନ୍ତ୍ର, ବୃହଦାନ ଆଦି ଏଥିରେ ରହିଛି । ଏସବୁ ଅଙ୍ଗଗୁଡ଼ିକ ଠିକ୍ ଭାବେ କାମ କରିବା ଲାଗି ବ୍ୟାୟାମ ଆବଶ୍ୟକ । ଉପଯୁକ୍ତ ବ୍ୟାୟାମ କରିବା ଦ୍ୱାରା ଏହି ଅଙ୍ଗଗୁଡ଼ିକ କ୍ରିୟାଶୀଳ ହୋଇପାରନ୍ତି । ଜଟିଳ ବ୍ୟାୟାମ କରିବା ସମ୍ଭବ ହେଉନଥିଲେ ଏପରି ସରଳ ବ୍ୟାୟାମ କରିବା ସମାନ ଉପକାର ଦେଇଥାଏ । ଏହା ମଧ୍ୟ ଜଙ୍ଘ ଓ ଗୋଡ଼କୁ ସୁସ୍ଥ ରଖେ ।**



ପ୍ରକ୍ରିୟା:- ଚଟାଣରେ ଏକ ମୋଟା ଚାଦର କିମ୍ବା କମ୍ବଳ ବିଛାଇ ତା ଉପରେ ଚକା ପକାଇ ବସିବେ ।

୩୦ ସେଣ୍ଟିମିଟର ବ୍ୟାସ ବିଶିଷ୍ଟ ଏକ ଷ୍ଟାବିଲିଟି ବଲ ଆଣି ନିଜ ପିଠି ପାଖରେ ରଖନ୍ତୁ । ଏହା ଯେପରି ଗଡ଼ି ନଯାଏ ସେଥିପ୍ରତି ଦୃଷ୍ଟି ଦେବେ ।

ଏବେ ଗୋଡ଼କୁ ଆଣ୍ଠୁଠାରୁ ଭାଙ୍ଗି ପଛକୁ ଆଣିବେ ଯେପରି ଦୁଇ ଗୋଡର ଗୋଇଠି ନିତମ୍ବ ତଳେ ରହୁଥିବ । ଏହାକୁ ବୀରାସନ ବୋଲି ମଧ କୁହାଯାଏ ।

ପଛପଟେ ପିଠିର ମଝିଆମଝି ରଖିଥିବା ବଲ୍‌କୁ ପଛୁଆ ଦୁଇହାତରେ ଧରି ପିଠିପାଖରେ ଲଗାଇ ରଖିବେ ଏବଂ ଧୀରେଧୀରେ ବଲ ଉପରେ ପଛୁଆ ନଇଁ ଆସିବେ ।

ବେକ ଆଗକୁ ବଢ଼ାଇବା ସହ ଶରୀର ଯେପରି ବଲ୍ ଉପରେ ଭାରା ଦେଇ ରଖିବ ।

ଏବେ ଦୁଇହାତ ସଳଖ ଭାବେ ପଛପଟକୁ ଲମ୍ବାଇ ଆଣି ଚଟାଣରେ ଲଗାଇବାର ଚେଷ୍ଟା କରିବେ । ଏହି ସ୍ଥିତିରେ ଆଣ୍ଠୁଠାରୁ ହାତ ଆଙ୍ଗୁଳି ଯାଏ ଧନୁ ଆକାରରେ ରହି ବଲ ପିଠି ମଝିରେ ଥାଏ ଏବଂ ଶରୀରର ଭାରା ଏହି ବଲ ଉପରେ ରହିଥାଏ ।

ଧୀର ଶ୍ୱାସକ୍ରିୟା ସହ ତିନିରୁ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଏପରି ସ୍ଥିତିରେ ରହିବା ପରେ ପ୍ରଥମେ ଦୁଇହାତ ଉପରକୁ ଉଠାଇ ପାପୁଲି ଯୋଡ଼ନ୍ତୁ ଏବଂ ଧୀରେଧୀରେ ଉଠିଆସନ୍ତୁ । କିଛି ସମୟ ବିଶ୍ରାମ ନେବା ପରେ ଏହାର ପୁନରାବୃତ୍ତି କରିବେ ।

## ମେଦହ୍ରାସ କରିବ ମାଇକ୍ରୋଚିପ୍



ମଣିଷ ଶରୀରରେ କ୍ଳାନ୍ତି, ଯନ୍ତ୍ରଣା, ଭୋକ ଶୋଷ, ନିଦ ପରି ବିଭିନ୍ନ ଅନୁଭବ ଆସିଥାଏ । ଭୋକ ଲାଗିବା ମାତ୍ରେ ଖାଇବା ଦରକାର ପଡ଼େ । ଯଦି ଖାଦ୍ୟ ବଦଳରେ ଜଣଙ୍କୁ ଭୋକ ସମୟରେ ବିଦ୍ୟୁତ ସକ୍ ଲାଗିବ, ତେବେ ତାଙ୍କର ମନୋଭାବ କ'ଣ ହେବ ? ଏହା ପଛରେ ଏକ ଉପକାରୀ କାରଣ ରହିଛି । ଅନେକେ ଭୋକ ଲାଗୁନଥିଲେ ବି ଖାଦ୍ୟ ପ୍ରତି ଲାଳସା ଯୋଗୁ ଖାଇଚାଲନ୍ତି । ଏହା ସେମାନଙ୍କଠାରେ ମୋଟାପାର କାରଣ ହୋଇଥାଏ । କାଲିଫର୍ଣିଆର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କ କହିବା ଅନୁସାରେ, ଯେତେବେଳେ ଭୋକ ଲାଗେ ଏହି ମାଇକ୍ରୋଚିପ୍ ମୋଟାପା ଆକ୍ରାନ୍ତ ଲୋକମାନଙ୍କୁ ବିଦ୍ୟୁତ ସକ ଲାଗିବା ପରି ଝଟକା ଦେଇଥାଏ । ପରୀକ୍ଷାମୂଳକ ଭାବେ ୬ଜଣ ମୋଟାପା ଆକ୍ରାନ୍ତ ଲୋକଙ୍କୁ ଏହି ଚିପ୍ ଲଗାଯାଇଥିଲା । ପ୍ରଥମେ ଅପସ୍ମାର ବାତରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସାଲାଗି ଏହି ଚିପ୍ ପ୍ରସ୍ତୁତ କରାଯାଇଥିଲା ଯାହାର ନାମ ରେସପନସିଭ ନ୍ୟୁରୋଷ୍ଟିମୁଲେସନ ସିଷ୍ଟମ । ଏବେ ଏହା ମେଦବହୁଳତା ଆକ୍ରାନ୍ତ ବ୍ୟକ୍ତିଙ୍କୁ ବିଦ୍ୟୁତ ସକ ଦେଇ ସେମାନଙ୍କ ଖାଦ୍ୟ ନିୟନ୍ତ୍ରଣ କରିବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି । ପ୍ରଥମ ୬ମାସ ଏହା ଲଗାଯାଇଥିବା ବ୍ୟକ୍ତିଙ୍କ ଖାଦ୍ୟ ଲାଳସା ସମୟରେ ମସ୍ତିଷ୍କର କ୍ରିୟାକୁ ଅନୁଧାନ କରିବ । ଏହା ପରେ ସେମାନେ ଖାଦ୍ୟ ଖାଇବା କଥା ଚିନ୍ତା କରିବା ମାତ୍ରେ ସକ ଦେଇ ସେମାନଙ୍କୁ ସତର୍କ କରାଇଦେବ ।

## ପକେଟ୍ ଏସି



ଜାପାନର ସୋନି କମ୍ପାନି ପକ୍ଷରୁ ଏକ କ୍ଷୁଦ୍ର ଏୟାର କଣ୍ଡିସନର ବିକଶିତ କରାଯାଇଛି, ଯାହାକୁ ପୋଷାକ ଭିତରେ ଖଞ୍ଜି, ଗରମ ଦିନେ ନିଜକୁ ଥଣ୍ଡା କରିହେବ । ଶୀତ ଦିନେ ମଧ୍ୟ ଏହାକୁ ବ୍ୟବହାର କଲେ ଗରମ ଅନୁଭୂତ ହେବ । 'ରିଅନ ପକେଟ୍' ଭାବେ ନାମିତ ଏହି ଏସି, ଥର୍ମୋଇଲେକଟ୍ରିକ୍ ପଲିଷ୍ଟର ଉପାଦାନରେ ତିଆରି । ଏଥିରେ ଲିଥିଅମ୍ ଆୟନ ବ୍ୟାଟେରି ଲାଗିଛି, ଯାହା ଏସିକୁ ଶୀଘ୍ର ଗରମ ଓ ଥଣ୍ଡା କରିବାକୁ ସକ୍ଷମ । ବ୍ଲୁ ଟୁଥ ମାଧ୍ୟମରେ ଏହାକୁ ପରିଚାଳିତ କରିବାକୁ ପଡ଼େ । ଆସନ୍ତା ବର୍ଷ ମାର୍ଚ୍ଚ ବେଳକୁ ଏହାର ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହେବ ଏବଂ ଛୋଟ, ମଧ୍ୟମ ଓ ସାମାନ୍ୟ ବଡ଼ ଆକାରରେ ଉପଲବ୍ଧ ହେବା ପ୍ରାଥମିକ ବିକ୍ରୟ ମୂଲ୍ୟ ରହିବ ସାଢ଼େ ଆଠ ହଜାର ଟଙ୍କା ।

## ସ୍ୱାସ୍ଥ୍ୟ ମନ୍ତ୍ର

ଲିଙ୍ଗ, ବୟସ, ଓଜନ, ଶ୍ରମ ଆଦି ଦୃଷ୍ଟିରୁ ବିଭିନ୍ନ ବର୍ଗର ମଣିଷଙ୍କ ଦୈନିକ କ୍ୟାଲୋରି ଆବଶ୍ୟକତା ସଂପର୍କରେ ଗତ ସପ୍ତାହରେ ସୂଚନା ଦିଆଯାଇଥିଲା । ଏବେ ସାଧାରଣ ଭାବେ କେଉଁ ଖାଦ୍ୟରୁ ଶରୀର କେତେ କ୍ୟାଲୋରି ପାଏ ଆସନ୍ତୁ ଜାଣିବା । ୧୦୦ ଗ୍ରାମ୍ ଭାତରୁ ୧୮୮ କ୍ୟାଲେରି, ସମାନ ପରିମାଣର ସମ୍ବର-ଭାତର ୮୪ କ୍ୟାଲୋରି ଓ ଦହି-ଭାତରୁ ୮୭ କ୍ୟାଲୋରି, ମିଠା କାନିକାରୁ ୨୪୪ କ୍ୟାଲୋରି । ସେହି ପରି ୧୦୦ ଗ୍ରାମ୍ ଏଣ୍ଡୁରି ପିଠାରୁ ୯୬ କ୍ୟାଲୋରି, ସାଧା ଦୋସାରୁ ୨୧୬ କ୍ୟାଲୋରି, ମସଲା ଦୋସାରୁ ୨୧୨ କ୍ୟାଲୋରି, ଉପମାରୁ ୧୧୮ କ୍ୟାଲୋରି । ୧୦୦ ଗ୍ରାମ୍ ଅଟା ରୁଟିରୁ ୩୩୯ କ୍ୟାଲୋରି, ପୁରିରୁ ୪୨୫ କ୍ୟାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କ୍ୟାଲୋରି । ପ୍ରତି ୧୦୦ ଗ୍ରାମ୍ ଖାଦ୍ୟରୁ କେତେ କ୍ୟାଲୋରି ମିଳେ ଜାଣିଲେ, ହିସାବ କରି ଆବଶ୍ୟକତା ଅନୁଯାୟୀ ଭୋଜନ କରିବା ସୁବିଧାଜନକ ହେବ । ଫଳାଫଳ ସ୍ୱରୂପ ଆମେ ସଚେତନ ହୋଇପାରିବା ଏବଂ ମେଦ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିପାରିବା ।

## ଏକା ରହିବାକୁ ପସନ୍ଦ କରନ୍ତି ବୁଦ୍ଧିମାନ ଲୋକେ

ବିଭିନ୍ନ ଚରିତ୍ର ଗୁଣର ଲୋକଙ୍କ ସହ ନିୟମିତ ଭାବେ ଆମେ ମିଶିଥାଉ । କାହା ସହ ମନ ମିଶିଥିବାବେଳେ ଅନ୍ୟ କାହା ଉପରେ ବିରକ୍ତି ଭାବ ଆସିଥାଏ । ବିଶ୍ୱସ୍ତରରେ ପାଖାପାଖି ୪୫% ଲୋକ ବାର୍ତ୍ତାଳାପ କରିବାକୁ ପସନ୍ଦ କରିଥାନ୍ତି । ଏଇ ବର୍ଗର ଲୋକେ ଯେଉଁଠାକୁ ଯାନ୍ତୁ, ଯେ କୌଣସି ଗୁଣର ଲୋକଙ୍କ ସହ ମିଶିଯାନ୍ତି । ୱାଲର୍ଡ ଇକୋନୋମିକ୍ ଫୋରମର ତଥ୍ୟ ଅନୁସାରେ ୧୧% ରୁ କମ ଲୋକେ ନିରବ ତଥା ଏକା ରହିବାକୁ ପସନ୍ଦ କରନ୍ତି । ପ୍ରକୃତରେ ଏମାନେ ହିଁ ହେଲେ ବୁଦ୍ଧିମାନ । ଅଯଥାରେ ଗପ, ଥଟ୍ଟା ତାମସା କରିବାକୁ ଏଇ ଲୋକେ ଆଦୌ ପସନ୍ଦ କରନ୍ତିନାହିଁ । ଏମାନେ ସବୁଠୁ ଅଧିକ ନିଜ ପରିବାରକୁ ପ୍ରାଧାନ୍ୟ ଦେଉଥିବାବେଳେ ଯଥା ସମ୍ଭବ ସମୟ ନିଜ କକ୍ଷରେ ଅତିବାହିତ କରିବାକୁ ପସନ୍ଦ କରନ୍ତି । ଏକା ରହିବାକୁ ପସନ୍ଦ କରୁଥିବା ଲୋକେ ସାମାନ୍ୟ କାମର ଚାପରେ ଚିଡ଼ଚିଡ଼ା ହୋଇଯାନ୍ତି । ଏହା ସହ ଏମାନଙ୍କ ଅନ୍ୟତମ ଗୁଣ ହେଲା ଅନ୍ୟ ଉପରେ ବୋଝ ହେବାକୁ ମଧ ପସନ୍ଦ କରନ୍ତିନାହିଁ । ପୁସ୍ତକ ପଢ଼ିବାରେ ଓ ନିରୋଳା ସ୍ଥାନ ଏମାନଙ୍କର ସବୁଠୁ ପ୍ରିୟ । ବିଶେଷଜ୍ଞ ଦଳର ତଥ୍ୟ ଅନୁସାରେ ଏଇ ଦିଗରେ ପୁରୁଷମାନେ ମହିଳାଙ୍କ ଠାରୁ ଆଗରେ ଅଛନ୍ତି ।



# ଗୋଟିଏ ଦିନରେ ୪୭୮ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୬୪୭୬

ଭୁବନେଶ୍ୱର,୨/୧୦ (ନି.ପ୍ର): ରାଜ୍ୟରେ ଶନିବାର ଦିନ ୪୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୭୪୩୧ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୩ ହଜାର ୮୩୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୩୩୬ ରହିଛି । ଆଜି ଚିହ୍ନଟ ହୋଇଥିବା ୪୭୮ ଜଣଙ୍କ ମଧ୍ୟରୁ ୨୮୧ ଜଣ ସଂଗରୋଧରୁ ହୋଇଥିବା ବେଳେ୧୯୭ ଜଣ ସ୍ଥାନୀୟ ଲୋକ ରହିଛନ୍ତି। ଖୋର୍ଧା ଜିଲ୍ଲାରୁ ସବୁଠାରୁ ଅଧିକ ୨୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି ।

ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୫ ଜଣ ସଂକ୍ରମିତ , ଭଦ୍ରକରୁ ୪ ଜଣ ସଂକ୍ରମିତ ହୋଇଛନ୍ତି । କଟକରୁ ୫୭ ସଂକ୍ରମିତ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୨ଜଣ , ଗଂଜାମ ଜିଲ୍ଲାରୁ ୩ଜଣ , ଜଗତସିଂହପୁର ଜିଲ୍ଲାରୁ ୨୯ ଜଣ, ଯାଜପୁରରୁ ୧୬ ଜଣ , ଝାରସୁଗୁଡ଼ାରୁ ୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାରୁ ଜଣେ , କେନ୍ଦ୍ରାପଡ଼ାରୁ ୩ ଜଣ, କେନ୍ଦୁଝରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୧୧ ଜଣ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ , ମୟୂରଭଞ୍ଜରୁ ୧୩ ଜଣ , ନୟାଗଡ଼ରୁ ୨ ଜଣ , ପୁରୀରୁ ୧୪ ଜଣ, ସମ୍ବଲପୁରରୁ ୧୨, ସୋନପୁରରୁ ୧ , ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୪୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଗାନ୍ଧୀ ଜୟନ୍ତୀରେ ଖଦୀ ବ୍ୟବହାର ପାଇଁ ଆହ୍ୱାନ

ଭୁବନେଶ୍ୱର,୨/୧୦ (ନି.ପ୍ର): ଭୋକାଲ ଫର୍ ଲୋକାଲକୁ ପ୍ରାଧାନ୍ୟ ଦେଇ ଖଦି ସାମଗ୍ରୀ ବ୍ୟବହାରକୁ ବ୍ୟାପକ କରିବା ପାଇଁ ୧୫୨ତମ ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି ଆହ୍ୱାନ ଦେଇଛନ୍ତି । ଏହା ଆତ୍ମନିର୍ଭର ଓଡିଶା ଗଠନରେ ସହାୟକ ହେବା ସହ ଗରୀବ ଲୋକଟିର ଆର୍ଥିକ ଅଭିବୃଦ୍ଧିରେ ମଧ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ସଭାପତିସମୀର ମହାନ୍ତି ଜନତା ମଇଦାନସ୍ଥିତ ଗାନ୍ଧୀ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହା ପରେ ମହିଳା ମୋର୍ଚ୍ଚା ତରଫରୁ ଭୁବନେଶ୍ୱର ୨୩ ନମ୍ବର ଓ୍ୱାର୍ଡରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ଏହାପରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଖଦୀ ବୋର୍ଡକୁ ଯାଇ ଖଦୀ ବସ୍ତ୍ର କିଣିବା ସହ ଅନ୍ୟମାନଙ୍କୁ କିଣିବାକୁ ମଧ ଆହ୍ୱାନ ଦେଇଥିଲେ। ମହାତ୍ମାଗାନ୍ଧିଙ୍କ ସ୍ୱଚ୍ଛ ଭାରତ, ନିଶା ନିବାରଣ, ସ୍ୱଦେଶୀ ଅର୍ଥନୀତି, ନୈତିକତାଯୁକ୍ତ ଶିକ୍ଷା, ଗଣତନ୍ତ୍ରର ମୂଲ୍ୟବୋଧତାର ବାର୍ତା ଏବେ ମଧ ମହତ୍ୱ ରଖିଛି। କରୋନା ସଙ୍କଟ ସମୟରେ ଭୋକାଲ ଫର୍ ଲୋକାଲ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମନିର୍ଭର ଭାରତ ଉପରେ ଗୁରୁତ୍ୱ ଦେଇଥିଲେ। ଭୋକାଲ ଫର୍ ଲୋକାଲ ମାଧ୍ୟମରେ ସ୍ୱଦେଶୀ ସାମଗ୍ରୀର ପ୍ରଚାର ପ୍ରସାର କରିବା ଦିଗରେ କାର୍ଯ୍ୟ କରିବା ନେଇ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ତେଣୁ ଭୋକାଲ ଫର୍ ଲୋକାଲ ମାଧ୍ୟମରେ ଖଦି ସାମଗ୍ରୀର ପ୍ରଚାର ପ୍ରସାର ସହ ଏହାକୁ କିଣି ଏହି କାରିଗରମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ବାବୁ ସିଂ, ବରିଷ୍ଠ ନେତା ଶାରଦା ଶତପଥୀ, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ଠାକୁର ରଣଜିତ୍ ଦାସ ଓ ରାଜେନ୍ଦ୍ର ପଣ୍ଡା, ରାଜ୍ୟ ମିଡିଆ ସହ-ସଂଯୋଜକ ସୁଜିତ୍ କୁମାର ଦାସ୍, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ହିମାଂଶୁ ଶେଖର ଛୋଟରାୟ, ସବିତା ପଟ୍ଟନାୟକ, ରଜନୀବାଳା ଦାସ, ସୁଭାସିନୀ ବଳ, ଶରତ ଜେନା, ବବିତା ଜେନା ଉପସ୍ଥିତ ଥିଲେ।

# ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ଗାନ୍ଧି ଜୟନ୍ତୀ

ଭୁବନେଶ୍ୱର,୨/୧୦ (ନି.ପ୍ର): 'ଖଦି' କେବଳ ବସ୍ତ୍ର ନୁହେଁ, ଏକ ବିଚାର । ଖଦି ହେଉଛି ଆମର ସ୍ୱାଭିମାନ । ଗାନ୍ଧିଜୀଙ୍କର ପ୍ରମୁଖ ଆଦର୍ଶ ମଧରେ ଚରଖାର ବ୍ୟବହାର ଓ ଖଦୀ ବସ୍ତ୍ର ଉତ୍ପାଦନ ଅନ୍ୟତମ ଥିଲା । ଆଜିବି ଗାନ୍ଧିଜୀଙ୍କର ସ୍ୱଦେଶୀ ଭାବନା, ଖଦୀ ବସ୍ତ୍ରର ବ୍ୟବହାର ପ୍ରାସଙ୍ଗିକତା ହୋଇ ରହିଛି । ଏବେ ବି ଆମ ରାଜ୍ୟର ଲକ୍ଷ ଲକ୍ଷ ବୁଣାକାର ହସ୍ତତନ୍ତ ବ୍ୟବହାର କରି ନିଜକୁ ଆର୍ଥିକ ସ୍ୱାବଲମ୍ବୀ କରୁଛନ୍ତି । ଏହି ଆଧାରରେ ସମସ୍ତଙ୍କୁ ଖଦି ପ୍ରସ୍ତୁତ ବସ୍ତ୍ର ହେଉ ବା ଖଦି ପ୍ରସ୍ତୁତ ଯେକୌଣସି ଉତ୍ପାଦ ହେଉ, ବ୍ୟବହାର କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି । ଫଳରେ ଆମ ରାଜ୍ୟର ବୁଣାକାରମାନଙ୍କୁ ସହାୟତା ମିଳିବ ଓ ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ । ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ଭୁବନେଶ୍ୱର ସ୍ଥିତ ଖଦିବୋର୍ଡ କାର୍ଯ୍ୟାଳୟର ପରିସରରେ ଆଜି ପୂର୍ବାହ୍ଣରେ ଅନୁଷ୍ଠିତ ଗାନ୍ଧି ଜୟନ୍ତୀ ସମାରୋହରେ ଯୋଗଦେଇ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥିଭାବେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଭୁବନେଶ୍ୱର ବିଧାୟକ (ମଧ) ଅନନ୍ତ ନାରାୟଣ ଜେନା, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ଗାନ୍ଧିବାଦୀ ପ୍ରବକ୍ତା ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଜାତିରଜନକ ମହାତ୍ମାଗାନ୍ଧିଙ୍କ ସତ୍ୟ, ଅହିଂସା ଓ ସତ୍ୟାଗ୍ରହ ଉପରେ ଆଲୋକପାତ କରିବା ସହିତ ସମସ୍ତେ ଖଦି ବ୍ୟବହାର କଲେ ଗାନ୍ଧିଜୀ ସମସ୍ତଙ୍କ ଭିତରେ ବଂଚି ରହିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ ଗାନ୍ଧି ଦର୍ଶନ, ଆଦର୍ଶ ତଥା ଖଦୀ ଓ ଗ୍ରାମୀଣ ଅର୍ଥନୀତି ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଖଦି ବୋର୍ଡର ଅଧକ୍ଷ ଶ୍ରୀ ପାଇକରାୟ କହିଲେ ଯେ, ରାଜ୍ୟରେ ଖଦି ବୋର୍ଡକୁ ୨ କୋଟି ଟଙ୍କାର ଆର୍ଥିକ ସହଯୋଗ ମିଳିଛି, ଯାହାକି ୧୭ଟି ସୋସାଇଟିର ୨୦୦୦ରୁ ଅଧିକ ବୁଣାକାରଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ । ରାଜ୍ୟରେ ଉତ୍କଳ ଖଦି ଭବନ ସ୍ଥାପନ ପାଇଁ ମଂଜୁରୀ ଲାଭ କରିଛି । ଫଳରେ ବୁଣାକାର, କଳାକାର ଓ ଶିଳ୍ପୀମାନଙ୍କ ସାମଗ୍ରୀ ବିକ୍ରୟ ହୋଇପାରିବ । ପୁରୀରେ ଶ୍ରୀକ୍ଷେତ୍ର ଖଦି ଭବନ ସ୍ଥାପନ ପାଇଁ ମଂଜୁରୀ ଅପେକ୍ଷାରେ ରହିଛି ବୋଲି ଅଧକ୍ଷ ଶ୍ରୀ ପାଇକରାୟ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସମାଜସେବା କାର୍ଯ୍ୟ କରୁଥିବା ତଥା ଗାନ୍ଧି ବିଚାରଧାରାରେ ବିଶ୍ୱାସ ରଖୁଥିବା ମହମ୍ମଦ ଇମ୍ରାଲ ଅଲ୍ଲୀ (ନିର୍ଦ୍ଦେଶକ,ସଲାମ ଜୀବନ), ହରପ୍ରସାଦ ମହାପାତ୍ର-ଯୁବ ସମାଜସେବୀ,ମିଶନ ରକ୍ତଦାନ, ସମାଜସେବୀ-ମନସ୍ୱିନୀ ପରିଡା,ରଶ୍ମିରଂଜନ ମାର୍ଥା, ଭାଗ୍ୟଶ୍ରୀ ରାଉତ ଏବଂ ରତ୍ନାକର ସାହୁ,ପ୍ରତିଷ୍ଠାତା-ଆଶାୟେଁ ପ୍ରମୁଖଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା । ଆଶାୟେଁ ଅନୁଷ୍ଠାନ ତରଫରୁ ଗାନ୍ଧିଜୀଙ୍କ ଉପରେ ଚିତ୍ରକଳା ଅଙ୍କନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖଦିବୋର୍ଡର ସଚିବ ଅବଦୁଲ ଅଲିମ୍ ଖାନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ସଂଗ୍ରହାଳୟରେ ଗାନ୍ଧୀଙ୍କ ଉପରେ ରାବଣଛାୟା ପ୍ରଦର୍ଶିତ

ଭୁବନେଶ୍ୱର,୨/୧୦ (ନି.ପ୍ର): ଓଡ଼ିଶା ରାଜ୍ୟ ସଂଗ୍ରହାଳୟଠାରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଏକ ଶହ ବର୍ଷ ପୂର୍ତି ଉତ୍ସବ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଏହି ସମାରୋହକୁ ଆନୁଷ୍ଠାନିକ ଭାବେ ଗାନ୍ଧିଜୀଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଆୟୋଜିତ ଏକ ସଂକ୍ଷିପ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ରଂଜନ କୁମାର ଦାସ ଗାନ୍ଧିଜୀଙ୍କ ବିଚାରଧାରାକୁ ଆମକୁ ଗଭୀରତାର ସହ ହୃଦୟଙ୍ଗମ କରି ତାକୁ କାର୍ଯ୍ୟରେ ଲଗାଇଲେ ତାହା ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ସଂପର୍କରେ ଉଲ୍ଲେଖ କରି କହିଲେ ଯେ ସେ ଭାରତବର୍ଷର ଏପରି ମହାପୁରୁଷ ଯାହାଙ୍କ ପ୍ରିୟଭଜନ ଶ୍ରବଣ ମାତ୍ରେ ଦେହରେ ଦେଶପ୍ରୀତିର ଶିହରଣ ଜାଗୃତ ହୁଏ । ସଭା ପରେ ଡ. ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ପାଲଲହଡ଼ାର ପ୍ରସିଦ୍ଧ ରାବଣଛାୟା ଲୋକକଳା ମାଧ୍ୟମରେ 'ଅନୁଗୋଳରେ ଗାନ୍ଧିଜୀ' ଶୀର୍ଷକ ଏକ ଛାୟା ନାଟକ ପ୍ରଦର୍ଶନ କରାଯାଇଥିଲା । ପ୍ରାଧ୍ୟାପକ ଡ. ଗୌରାଙ୍ଗ ଚରଣ ଦାସଙ୍କୁ ସଚିବ ଅରଟ ପ୍ରତିକୃତି ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି କାର୍ଯ୍ୟକ୍ରମ ଉପରେ ତତ୍କାଳ ବିବରଣୀ ଉପସ୍ଥାପନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଗାଳ୍ପିକା ପ୍ରାଚୀତାରାଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଦାଶ ବେନ୍‌ହୁରଙ୍କ ଦ୍ୱାରା ଲିଖିତ 'ତୁମେ କହିଥିଲ ବାପୁ' ଗଳ୍ପର ସିଡ଼ିକୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଅନାବରଣ କରି ୮ଟି ଗଳ୍ପରୁ ଗୋଟିଏ ଗଳ୍ପର ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ସମସ୍ତେ ରାମ୍‌ଧୁନ୍ ଗାନ କରିଥିଲେ । ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ ଓ ଡ. ଭାରତୀ ପାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ରାଜ୍ୟସ୍ତରୀୟ ମହାତ୍ମା ଗାନ୍ଧୀ ଜୟନ୍ତୀ ମହୋତ୍ସବ ପାଳିତ

ଭୁବନେଶ୍ୱର,୨/୧୦ (ନି.ପ୍ର): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ, ସତ୍ୟ, ଶାନ୍ତି ଓ ଅହିଂସାର ଯୁଗପ୍ରବର୍ତକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି।

ବିଧାନସଭା ପରିସରରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ମହୋତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ । ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ମହୋତ୍ସବ ଏବଂ ପ୍ରାର୍ଥନା ସଭାରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ସାଂସ୍କୃତିକ ଅନୁଷ୍ଠାନ ଶାଶ୍ୱତୀ ତରଫରୁ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଏବଂ 'ରଘୁପତି ରାଘବ ରାଜାରାମ' ଗାନ ପରିବେଶକୁ ଭାବଗାମ୍ଭୀର୍ଯ୍ୟମୟ କରିଥିଲା । ଉକ୍ତ ଜୟନ୍ତୀ ମହୋତ୍ସବରେ ଅନ୍ୟମାନଙ୍କ ମଧରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୂଚନା ଓ ଲୋକସଂପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ରକ୍ଷକ ନାୟକ, ବାଚସ୍ପତିଙ୍କ ଲୋକସଂପର୍କ ଅଧିକାରୀ ଭୂଜଙ୍ଗ ରାଓ, ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ ।

# ପିସିସି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତି ପାଳିତ

ଭୁବନେଶ୍ୱର,୨/୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ପବିତ୍ର ଜୟନ୍ତି ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ପୂର୍ବାହ୍ଣରେ କଂଗ୍ରେସ ଦଳ ପକ୍ଷରୁ ନେତୃବୃନ୍ଦ ଚନ୍ଦ୍ରଶେଖରପୁର ସ୍ଥିତ ନାଲକୋ ଛକ ମହାତ୍ମା ଗାନ୍ଧୀ ପାର୍କରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତି ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ନୀତି ଓ ଆଦର୍ଶକୁ ସାରା ଭାରତବାସୀ ଆଜି ଆପଣେଇବା ଉଚିତ। ଏହି ଆଦର୍ଶରେ ଅନୁପ୍ରାଣିତ ହେବା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତବ୍ୟ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଗଣେଶ୍ୱର ବେହେରା, କିଶୋର ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ବିଶ୍ୱଜିତ ଦାଶ, ଅମିୟ ପଟ୍ଟନାୟକ, ହଳଧର ସେଠୀ, ଦୀପକ ମହାପାତ୍ର, ଜ୍ୟୋତିଷ ସାହୁ, ଲିଙ୍ଗରାଜ ସାହୁ, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, ସ୍ୱାଧୀନବାଳା ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନୂଆ ରୂପରେ ଖୋଲିଲା 'ଏକାମ୍ର ହାଟ'

ଭୁବନେଶ୍ୱର,୨/୧୦ (ନି.ପ୍ର): ପ୍ରାୟ ଦେଢ ବର୍ଷ ପରେ ପୁଣି ଖୋଲିଛି ଭୁବନେଶ୍ୱର ୟୁନିଟ୍ - ୩ ସ୍ଥିତ ଏକାମ୍ର ହାଟ। କୋଭିଡ କଟକଣା ଯୋଗୁଁ ତଥା ହାଟର ମରାମତି ଓ ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଗତ ୨୦୨୦ ମାର୍ଚ୍ଚ ମାସରୁ ଏକାମ୍ର ହାଟ ବନ୍ଦ ରହିଥିଲା। ହାଟର ପରିଚାଳନା ଦାୟିତ୍ୱ ଇଡକୋ ଠାରୁ ସିଡାକକୁ ଦିଆଯାଇଛି ।

ହାଟକୁ ଦୁଇଟି ଜୋନ୍ ରେ ବିଭକ୍ତ କରାଯାଇଛି, ଯଥା-'ଏକାମ୍ର କୁଟୀର', ଯେଉଁଠି ୮ଟି କଳା ପ୍ରଦର୍ଶନ ଷ୍ଟଲ ସହିତ ୫୦ଟି ଷ୍ଟଲ ଏବଂ 'ଏକାମ୍ର ବଜାର' ଯେଉଁଠି ଏକ ଖୋଲା ଜାଗା ପରିବେଷ୍ଟିତ ୩୩ଟି ଷ୍ଟଲ ଅଛି । ସମୁଦାୟ ୮୩ଟି ଷ୍ଟଲ ମଧ୍ୟରୁ ୫୬ଟି ହସ୍ତଶିଳ୍ପ ପାଇଁ ଓ ୨୭ଟି ହସ୍ତତନ୍ତ ପାଇଁ ଉଦ୍ଦିଷ୍ଟ । ପରିଦର୍ଶକମାନେ ଏକାମ୍ର ହାଟରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ପ୍ରକୃତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବାର ସୁଯୋଗ ପାଇପାରିବେ ତଥା ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରିବେ। ଏଠାରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଦ୍ୱାରା ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରତ୍ୟକ୍ଷ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ପରିଦର୍ଶକମାନେ ଓଡ଼ିଶାର ହସ୍ତଶିଳ୍ପ ତଥା ହସ୍ତତନ୍ତର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବେ । ଏହି ହାଟରେ ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଓ ଉତ୍କଳିକା ସଂସ୍ଥାମାନଙ୍କ ଷ୍ଟଲ ଖୋଲାଯାଇଛି ।

ଏକାମ୍ର ହାଟରେ ୧୦ଟି ସ୍ୱତନ୍ତ୍ର ଜଳପାନ ଷ୍ଟଲ ବ୍ୟବସ୍ଥା କରାଯାଇଛି। ସେହି ଷ୍ଟଲମାନଙ୍କରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ଅନ୍ୟାନ୍ୟ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଗୋଟିଏ ଛାତ ତଳେ ଉପଲବ୍ଧ କରାଯାଇଛି। ପରିଦର୍ଶକ/ ପ୍ରଦର୍ଶକ/ କ୍ରେତାମାନଙ୍କ ସୁବିଧା ନିମନ୍ତେ ଏକାମ୍ର ହାଟ ପରିସରରେ ସମ୍ମିଳନୀ କକ୍ଷ, ମୁକ୍ତାକାଶ ମଂଚ, ଏଟିଏମ୍, ପାର୍କିଂ ସ୍ଥଳ ଓ କିଓସ୍କ ଆଦିର ସୁବିଧା ଅଛି ।

ଏକାମ୍ର ହାଟ ପ୍ରତ୍ୟେକ ଦିନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ସମସ୍ତ କୋଭିଡ୍ -୧୯ ନିୟମ ପାଳନ ସହିତ ଖୋଲା ରହିବ । ସରକାରଙ୍କ କୋଭିଡ୍ ନିୟମ ଅନୁଯାୟୀ ଅକ୍ଟୋବର ୧୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଖୋଲିବା ସମୟରେ ପରିବର୍ତନ କରାଯିବ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗାନ୍ଧୀ ଦର୍ଶନ ଓ ପୂଜ୍ୟପୂଜାକୁ ସ୍ୱତନ୍ତ୍ର ଫୋକସ

ଭୁବନେଶ୍ୱର,୨/୧୦ (ନି.ପ୍ର): ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ନିଆରା ଢଙ୍ଗରେ ପାଳନ କରାଯାଇଅଛି । ବିଭାଗର ପ୍ରତ୍ୟେକ ଏକାଡେମୀ, ସଂସ୍ଥା ସହ ଜିଲ୍ଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ ମାଧ୍ୟମରେ ଗାନ୍ଧୀଜୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ସହିତ ପୂଜ୍ୟପୂଜା କାର୍ଯ୍ୟକ୍ରମ, ଓଡ଼ିଶୀ ସଂକୀର୍ତନ ସହିତ ବିଭିନ୍ନ ଲୋକକଳା ପ୍ରଦର୍ଶନ ହୋଇଥିଲା । ଭୁବନେଶ୍ୱର, ଜନତା ମଇଦାନ ନିକଟ ଗାନ୍ଧୀପାର୍କରେ ଆୟୋଜିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ସଂଯୋଜକ ବାସୁଦେବ ମାଳବିଶୋଇ, ଅନୁସଚିବ ସୁଭସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କଳାମଣ୍ଡଳଠାରେ ରାମଧୁନ୍ ଓ ଓଡ଼ିଶୀ ସଂଗୀତ ପରିବେଷଣ ହୋଇଥିଲା । ଭୁବନେଶ୍ୱରରେ ସଂକୀର୍ତନ ଶୋଭାଯାତ୍ରା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ ସଂକୀର୍ତନ ଓ ଲୋକକଳା ପରିବେଷଣ ମାଧ୍ୟମରେ ରାମଧୁନ୍ ଗାୟନ କରାଯାଇଥିଲା । ଏହାପରେ ଶାସ୍ତ୍ରୀନଗରରେ ସମସ୍ତ ଅଧିକାରୀ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ରାଜ୍ୟ ଗ୍ରନ୍ଥାଗାରରେ ଶାସ୍ତ୍ରୀଜୀ ଓ ଗାନ୍ଧିଜୀଙ୍କ ଉପରେ ୨୧ଦିନିଆ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ । ଏହାପରେ ରାଜ୍ୟ ସଂଗ୍ରାହାଳୟରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଏକଶତବର୍ଷ ପୂର୍ତି ଉତ୍ସବ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ୧୯୩୪ ମସିହାରେ ଗାନ୍ଧିଜୀ ପଦଯାତ୍ରା କରି ଅବସ୍ଥାନ କରିଥିବା ବାଲକାଟି, ସତ୍ୟଭାମାପୁର ଓ ବାଲିଅନ୍ତାଠାରେ ଗାନ୍ଧୀପ୍ରେମୀଙ୍କ ସହ ମିଶି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜି ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତି ମଧ ପୂଜ୍ୟପୂଜା ପ୍ରେମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିଲେ । ଅଭିମନ୍ୟୁ ସାମନ୍ତସିଂହାର, ଆଚାର୍ଯ୍ୟ ହରିହର ଦାସ, ପଲ୍ଲୀକବି ନନ୍ଦକିଶୋର ବଳ, ବିପ୍ଳବୀ ଧରଣୀଧର ଭୂୟାଁ, ପିଣ୍ଡିକି ବାହୁବଳେନ୍ଦ୍ର (ଦାରୁଠେଙ୍ଗ), ପଦ୍ମନାଭ ଛୋଟରାୟ, ବିପ୍ଳବୀ ଚକ୍ରଧର ବେହେରା, ମଧୁବାବୁ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପୂଜ୍ୟା ରମାଦେବୀ ଆଦି ମହାପୁରୁଷଙ୍କ ପ୍ରତିମୂର୍ତି ନିକଟରେ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ପୂଜ୍ୟପୂଜା ପରମ୍ପରା ଉଦ୍‌ଜୀବିତ କରି ବିକାଶ ସାଧନ କରିବା ପାଇଁ ଯେଉଁ ସ୍ୱପ୍ନ ଓ ସଂକଳ୍ପ ଗ୍ରହଣ କରିଛନ୍ତି ଓ ଗାନ୍ଧୀ ଦର୍ଶନ ଓ ବିଚାରଧାରାକୁ ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଏହାର କାର୍ଯ୍ୟକାରିତା ପାଇଁ ବିଭାଗ ତରଫରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ରାଜ୍ୟର ପୂଜ୍ୟପୂଜା ସଂଗଠନ, ଗାନ୍ଧୀବାଦୀ, ଲୋକ କଳାକାରମାନଙ୍କୁ ନେଇ ଆଗାମୀ ଦିନରେ ପୂଜ୍ୟପୂଜା ଓ ଗାନ୍ଧୀ ବିଚାରଧାରାକୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଂଚାଇବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶାସନ ସଚିବ ଡକ୍ଟର ଦଳାଇ ପ୍ରକାଶ କରିଛନ୍ତି । ସେହିଭଳି ରାଜ୍ୟର କଳା, ସାହିତ୍ୟ, ସଂସ୍କୃତି, ଲୋକନାଟ୍ୟ ପରମ୍ପରା ବିକଶିତ କରିବା ପାଇଁ ଗ୍ରାମାଂଚଳ ଠାରୁ ସହରାଂଚଳ ପର୍ଯ୍ୟନ୍ତ ସମସ୍ତ କଳାକାରମାନଙ୍କୁ ପଞ୍ଜିକୃତ କରି ସଂଗଠିତ କରାଯିବ ବୋଲି ନିର୍ଦ୍ଦେଶକ ରଂଜନ କୁମାର ଦାସ ଦର୍ଶାଇଛନ୍ତି । ଆଜି ବିଶ୍ୱବାସୀ ଆତଙ୍କବାଦର ବିଲୋପସାଧନ ସହିତ ଶାନ୍ତିରେ ସହାବସ୍ଥାନ ପାଇଁ ଚିନ୍ତା କରୁଥିଲା ବେଳେ ଗାନ୍ଧୀ ବିଚାରଧାରା ହିଁ ଆତଙ୍କବାଦର ବିଲୋପ ସାଧନ କରି ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ ଓ ଏହି ବିଚାରଧାରାକୁ କଳାକାରମାନଙ୍କ ମାଧ୍ୟମରେ ଲୋକକଳା ପ୍ରଦର୍ଶନ ଦ୍ୱାରା ପ୍ରଦର୍ଶିତ ହୋଇ କଳାକାରମାନେ ସ୍ୱରୋଜଗାର ପାଇବା ସହିତ ସମାଜରେ ମଧ ସଚେତନତା ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ସରକାରଙ୍କ ଏହି ପ୍ରଗତିଶୀଳ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି ।

# କଂଗ୍ରେସ ପକ୍ଷରୁ ଆଲୋଚନା ଚକ୍ର

ଭୁବନେଶ୍ୱର,୨/୧୦ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଆଜି କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଏକ ଆଲୋଚନା ଚକ୍ର ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ ଯେ ଆଜିର ଅବକ୍ଷୟମୁଖି ସମାଜକୁ ସୁଧାରିବା ପାଇଁ ଗାନ୍ଧୀ ଦର୍ଶନ ହିଁ ଅନୁସରଣୀୟ । ଏ ଦେଶର ଅଗଣିତ ଛାତ୍ରଛାତ୍ରୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୀବନ ଇତିହାସକୁ ପଢ଼ିବା ଉଚିତ୍ । ମହାତ୍ମା ଗାନ୍ଧୀଙ୍କର ସଂଗ୍ରାମ, ବଳିଦାନ, ଉପଦେଶ ଓ ଆଦର୍ଶକୁ ପ୍ରତିଟି ଭାରତୀୟ ଭଲ ଭାବରେ ଜାଣିବା ଦରକାର । ଆଜି ଆମେ ସ୍ୱାଧୀନ ଭାବରେ ଜୀବନ ଯାପନ କରିବା ପଛରେ ତାଙ୍କର ମହାନ ଅବଦାନ ଓ ତ୍ୟାଗ ରହିଛି । ତାଙ୍କର ଅହିଂସା ମନ୍ତ୍ରରେ ସାରା ବିଶ୍ୱ ଅଭିମନ୍ତ୍ରୀତ ହେବା ଉଚିତ । ବିଶେଷ କରି ଜଣେ ଛାତ୍ର ବା ଛାତ୍ରୀ ତାର ଜୀବନ ବା ଭବିଷ୍ୟତ ଗଠନରେ ଗାନ୍ଧୀ ଦର୍ଶନରେ ଆଲୋକିତ ହେବା ଉଚିତ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ଶ୍ରୀ ଚିନ୍ମୟ ସୁନ୍ଦର ଦାସ କହିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ ବିଶ୍ୱର ଜନନାୟକ ଏବଂ ପ୍ରଥପ୍ରଦର୍ଶକ। ସମସ୍ତ ସମସ୍ୟାର ସମାଧାନର ସୂତ୍ର ଗାନ୍ଧୀ ଦର୍ଶନରେ ରହିଛି। ଏଠାରେ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ସାଧୁତା ଓ ଶାନ୍ତିର ପ୍ରତୀକ ସ୍ୱର୍ଗତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯିବା ସହ ତାଙ୍କର ଜୀବନ ଦର୍ଶନ ଉପରେ ବକ୍ତମାନେ ଆଲୋକପାତ କରିଥିଲେ। ଆଲୋଚନାଚକ୍ର ପରେ ଅଧ୍ୟକ୍ଷ ଶ୍ରୀ ଦାସ, ବିଧାୟକ ଶ୍ରୀ ରାଉତରାୟ ଏବଂ ଅନ୍ୟାନ୍ୟ ଅତିଥି ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ ପ୍ରମୁଖ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧରେ ମହାତ୍ମା ଗାନ୍ଧୀଙ୍କ ଉପରେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗୀତା ହୋଇଥିଲା। କୃତି ପ୍ରତିଯୋଗୀ ଏବଂ ସେମାନଙ୍କର ଅଭିଭାବକମାନେ ଆସି ଅତିଥି ମାନଙ୍କ ଠାରୁ ସେମାନଙ୍କର ପୁରସ୍କାର ଗ୍ରହଣ କରିଥିଲେ। ପରିଶେଷରେ ସତ୍ୟ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ହାଇକୋର୍ଟଠାରେ ଗାନ୍ଧୀ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨/୧୦ (ନି.ପ୍ର): ଓଡ଼ିଶା ହାଇକୋର୍ଟ ପରିସରରେ ଶନିବାର ପୂର୍ବାହ୍ଣରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୨ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ହାଇକୋର୍ଟର ବିଚାରପତି ଡକ୍ଟର ବି.ଆର. ଷଡ଼ଙ୍ଗୀ, ବିଚାରପତି ଏସ୍. ପୂଜାହାରୀ, ବିଚାରପତି ଏସ୍.କେ. ସାହୁ, ବିଚାରପତି କେ. ଆର. ମହାପାତ୍ର, ବିଚାରପତି ଏସ୍.କେ. ପାଣିଗ୍ରାହୀ ଏବଂ ବିଚାରପତି ସାବିତ୍ରୀ ରଥୋଙ୍କ ସମେତ ଓଡ଼ିଶା ହାଇକୋର୍ଟର ଜଜ୍ , କୋର୍ଟ ରେଜିଷ୍ଟ୍ରାର ଏବଂ କୋର୍ଟ କର୍ମଚାରୀମାନଙ୍କ ତରଫରୁ କୋର୍ଟର ନୂତନ ଅଟ୍ଟାଳିକାର ତଳମହଲାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ

ଭୁବନେଶ୍ୱର,୨/୧୦ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ କରାଯାଇଛି। ୭୭୩ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୫,୮୭,୪୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# ଜିଲ୍ଲା ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ



ବାଲେଶ୍ୱର,୦୨/୦୯ (ନି.ପ୍ର): ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ତାରିଖ, ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦଳ ପକ୍ଷରୁ ଆରମ୍ଭ ହୋଇଛି ବିଭିନ୍ନ ସମାଜ ସେବା କାର୍ଯ୍ୟ। ଏହି କ୍ରମରେ ଜିଲା ବିଜେଡି ପକ୍ଷରୁ ସହରର ସିନେମା ଛକ, ସହିଦ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥି ସହିତ ସହରର ବିଭିନ୍ନ ସ୍ଥାନରେ ଥିବା ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ଦାସ, ସୁଧାଂଶୁ ଶେଖର ପରିଡ଼ା, ସ୍ୱରୂପ କୁମାର ଦାସ, ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ରାଜ୍ୟ ମହିଳା ବିଜେଡି ଉପ-ସଭାପତି ଶ୍ରଦ୍ଧାଞ୍ଜଳି ରାୟ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲା ବିଜେଡି ଉପସଭାପତି ଗୌରୀକୁମାର ରାଉତ, ଭୁବନାନନ୍ଦ ଦାସ, ସାଧାରଣ ସମ୍ପାଦକ ବରଦାପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ପୌରାଧକ୍ଷ ଆଲୋକ କୁମାର ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଶତ୍ରୁଘ୍ନ ମଲ୍ଲିକ, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ, ବାଲେଶ୍ୱର ଟାଉନ ବିଜେଡି ସଭାପତି ସନତ ଦାସ, ଟାଉନ ଯୁବ ବିଜେଡି ସଭାପତି ଉମାଶଙ୍କର ତିଆଡ଼ି, ଜିଲା ଯୁବ ବିଜେଡି ଉପସଭାପତି ବ୍ରଜକିଶୋର ପ୍ରଧାନ, ଜିଲା ବିଜୁ ମହିଳା ଜନତା ଦଳ ଉପସଭାପତି ରଞ୍ଜିତା ମହାପାତ୍ର, ବରିଷ୍ଠ ନେତା ଗିରୀଶ ଚନ୍ଦ୍ର ଦାଶ, ଗୌରୀକୁମାର ବାରିକ, ଯାଦବେଶ ମିଶ୍ର, ପ୍ରଦୀପ୍ତ କୁମାର ମହାପାତ୍ର, ମନୋଜ କୁମାର ରାଉତ, ଅଶ୍ୱିନୀ ମହାପାତ୍ର, ସାହିରୁଲ ହକ, ଅଶୋକ ପାଣିଗ୍ରାହୀ, ଜୀତେନ୍ଦ୍ର ଉପାଧ୍ୟାୟ, ଚକ୍ରଧର ମହାନ୍ତି, ସୂର୍ଯ୍ୟକାନ୍ତ କର, ବିଶ୍ୱଜିତ ମହାପାତ୍ର, ଶାନ୍ତନୁ ଦାସ, ବିଶ୍ୱଜିତ ଦାସ, ମହିଳାନେତ୍ରୀ ମିନତୀ ସେଠୀ, ରାଜଲକ୍ଷ୍ମୀ ପାଣିଗ୍ରାହୀ, ମୋନାଲିସା ପାଣିଗ୍ରାହୀ, ଆଶ୍ରିତ ତରେଇ, ହରପ୍ରିୟା ରଣା, ଜୟନ୍ତୀ ଦତ୍ତ, ଯୁବ ନେତା ସଞ୍ଜୀବ ଦାସ, ଭରତ ଭୂଷଣ ଦାସ, କୈଳାଶ ତରାଇ, ଭବାନୀ ପଣ୍ଡା, ମନୋଜ କୁମାର ଆଚାର୍ଯ୍ୟ, ଛାତ୍ରନେତା ଶୁଭମ ସାଇ ମହାପାତ୍ରଙ୍କ ସମେତ ବହୁ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ମାସକ ପାଇଁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମଧ୍ୟରେ ରକ୍ତଦାନ ଶିବିର, ବୃକ୍ଷ ରୋପଣ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପୁଣି ବଢିଲା....

ମହଙ୍ଗା ହୋଇଛି। ବର୍ଦ୍ଧିତ ଦର ପରେ ଡିଜେଲର ଲିଟର ପିଛା ଦାମ ୯୮.୬୫ ଟଙ୍କା ହୋଇଛି। ଗତକାଲି ଡିଜେଲ ୯ ପଇସା ଓ ସେପ୍ଟେମ୍ବର ୩୦ରେ ଏହା ୩୮ ପଇସା ମହଙ୍ଗା ହୋଇଥିଲା। ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୮ ଟଙ୍କା ଅତିକ୍ରମ କରିଥିବା ବେଳେ ଡିଜେଲର ଲିଟର ପିଛା ଦର ପ୍ରାୟ ୯୮ ଟଙ୍କାରେ ପହଂଚିଛି। କୋଲକାତାରେ ପେଟ୍ରୋଲ ଦର ୧୦୨.୭୭ ଟଙ୍କା ଓ ଡିଜେଲର ଲିଟର ପିଛା ଦର ୯୩.୫୭ ଟଙ୍କା , ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ୯୯.୮୦ ଟଙ୍କା ଓ ଡିଜେଲ ୯୫.୦୨ ଟଙ୍କାରେ ପହଂଚିଛି।

# ସାଂସ୍କୃତିକ ଫାଉଣ୍ଡେସନର ବୟସ୍କ ଦିବସ, ସଂସଦର କବିତା ପାଠ ଓ ସମ୍ବର୍ଦ୍ଧନାସଭା

କୋରାଇ,୦୨/୦୯ (ନି.ପ୍ର): କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନନ୍ଦ କିଶୋର ସିଂହ ପଲ୍ଲୀ ବିକାଶ ସାଂସ୍କୃତିକ ଫାଉଣ୍ଡେସନ ଦ୍ୱାରା ଶନିବାର ଧନେଶ୍ୱର ପଂଚାୟତର ମୃତ୍ୟୁଞ୍ଜୟପୁର ସ୍ଥିତ ହିଙ୍ଗୁଳା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ସଂସଦର ସଂପାଦକ ପଣ୍ଡିତ ଡ଼କ୍ଟର ସୂର୍ଯ୍ୟମଣି ଖୁଂଟିଆ ଫାଉଣ୍ଡସନର ଆଭିମୁଖ୍ୟ ସଂପର୍କରେ ସୂଚନାଦେବା ସହ ମଂଚପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗଦେଇ ଆମେ ଗୁରଜନ ତଥା ବୟସ୍କଙ୍କ ପ୍ରତି ଭକ୍ତି ପୂର୍ବକ କର୍ତବ୍ୟ ପାଳନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଗୋକୁଳାନନ୍ଦ ବିଶ୍ୱାଳ ଓ ସମ୍ମାନୀତ ଅତିଥିଭାବେ ପାଣିକୋଇଲି ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ନିହାର ରଞ୍ଜନ ଦାସ ଯୋଗଦେଇଥିଲା ବେଳେ ପ୍ରାଧ୍ୟାପକ ଅକ୍ଷୟକୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନକରାଯିବା ସହ ଦୁଇ ଜନନାୟକ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ଦିବଂଗତ ସାହିତ୍ୟିକା ଡ. ମନୋରମା ମହାପାତ୍ର, ପ୍ରଫୁଲ୍ଲ ସାହାଣୀ, ସାମ୍ବାଦିକ ଅରିନ୍ଦମ ଦାସ ଓ ଶିକ୍ଷାବିତ ଶେଖ ଇଦ୍ରିସ ମହମ୍ମଦଙ୍କ ସ୍ମୃତିଚାରଣ କରାଯାଇଥିଲା। ସଂସଦସର କାର୍ଯ୍ୟକାରୀ ସଂପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷର 'ଶ୍ରୀ ଜୟଦେବ ଉତ୍ସବ ସମ୍ମାନ' ଚଳଚିତ୍ର ନିର୍ଦ୍ଦେଶକ ନରୋତମ ପରିଡାଙ୍କୁ ପ୍ରଦାନ କରାଯାଇଥିଲା ବେଳେ 'ସ୍ୱର୍ଗତ କିଶୋରଚନ୍ଦ୍ର ଦାସ କଳା ସମ୍ମାନ' ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗାୟକ ଡକ୍ଟର ରଘୁନାଥ ସାହୁ, 'ଗାୟକ ନଟରାଜ କଳା ସମ୍ମାନ' ପାଲା ପାଳିଆ କେଶବ ଚନ୍ଦ୍ର ତରେଇଙ୍କୁ ଦିଆଯାଇଥିଲା ବେଳେ 'ବୟସ୍କ ଦିବସ ସମ୍ମାନ'ରେ ଗାଳ୍ପିକ ତଥା ପତ୍ରିକା ସଂପାଦକ ବନମାଳୀ ସେନାପତି ଓ ବିଶିଷ୍ଟ କଣ୍ଠ ଶିଳ୍ପୀ ସନ୍ତୋଷକୁମାର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ସହ ଅଙ୍ଗବସ୍ତ୍ର ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଂଚରେ ଅଶୋକ କୁମାର ପତିଙ୍କ ପୁସ୍ତକ 'ସତ ଅନକେ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଫାଉଣ୍ଡେସନର ଟ୍ରଷ୍ଟିସଦସ୍ୟ ଡକ୍ଟର ଅଶୋକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ଣରେ ଅନୁଷ୍ଠିତ ପ୍ରଥମ ଅଧିବେଶନ କବିତା ପଠୋତ୍ସବ ସଂସଦର ଉପସଭାପତି ବିନୋଦବିହାରୀ ସାହୁଙ୍କ ସଭାପତିତ୍ୱ କରିଥିଲା ବେଳେ ଅତିଥିଭାବେ ପଣ୍ଡିତ ଅକ୍ଷୟକୁମାର ଦାଶ, 'ଚିରନ୍ତନୀ'ର ସଂପାଦିକା ସଂଯୁକ୍ତା ମହାପାତ୍ର, କୋରାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡକ୍ଟର ମୋହନ ଚରଣ ଖୁଂଟିଆ ଓ ପ୍ରାଧ୍ୟାପକ ଶିବଚରଣ ମାଝୀ ଯୋଗଦେଇଥିଲେ।

## ଗାନ୍ଧୀ ଜୟନ୍ତୀ ଅବସରରେ ଆଇନ ସଚେତନତା ଶିବିର

କେନ୍ଦ୍ରାପଡା,୦୨/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ର୍ୟାଲିକୁ ଆଇନସେବା ପ୍ରାଧିକରଣ ର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ମାନ୍ୟବର ଗୋପାଳ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସହର ପରିକ୍ରମା କରି ଲୋକ ମାନଙ୍କ ମଧ୍ୟରେ ଆଇନସେବା ର ବାର୍ତ୍ତା ପ୍ରଚାର କରାଯାଇ ଥିଲା। ପରିବାର ଅଦାଲତର ମାନ୍ୟବର ବିଚାରପତି ବିକାଶ ଚନ୍ଦ୍ର ଦେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିବସ୍ୱତ ଗୌତମ, ଦେୱାନୀ ବିଚାରପତି ରାଜେଶ ରୋସନ ନନ୍ଦ, ଜେଏମଏଫସି ଅମିତ କୁମାର ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ପ୍ରାଧିକରଣ ସଚିବ ଶ୍ରୀମତୀ ସଙ୍ଗିତା ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାସ୍‌ପୋର୍ଟ ଯାଂଚରେ ଓଡିଶା ପୋଲିସ୍‌କୁ ସଫଳତା

ଭୁବନେଶ୍ୱର,୦୨/୦୯ (ନି.ପ୍ର): ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ ଓଡ଼ିଶା ପୋଲିସ ମାତ୍ର ୪ଦିନରେ ପାସପୋର୍ଟ ଯାଂଚ ପ୍ରକ୍ରିୟା ଶେଷ କରିଛି। ଦେଶରେ ତ୍ୱରିତ ପାସପୋର୍ଟ ଯାଂଚ ପ୍ରକ୍ରିୟା କରିବାରେ ରାଜ୍ୟ ବେଶ ସଫଳତା ହାସଲ କରିଛି। ସବୁ ଥାନାକୁ ଟାବଲେଟ୍ ବଂଟନ କରାଯିବା ସହ ସ୍ୱତନ୍ତ୍ର ଆପ୍ ଇନଷ୍ଟଲ ହୋଇଛି। ଏହି ଆପ୍ ବ୍ୟତୀତ ସ୍ପେଶାଲ୍ ବ୍ରାଂଚ ଅଧିକ ସ୍ପଷ୍ଟ ଭାବେ ଭେରିଫିକେସନ୍ ଯାଂଚ କୁ ଗାଇଡ୍ କରିବା ସହ ମନିଟରିଂ କରିବା ଆରମ୍ଭ କରିଦେଇଛି। ଓଡିଶା ପୋଲିସ୍ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ପୂର୍ବରୁ ଅଗଷ୍ଟରେ ପାସପୋର୍ଟ ଯାଂଚ ପାଇଁ ୬ଦିନ ଲାଗୁଥିଲା। ସେପ୍ଟେମ୍ବର ମାସର ପ୍ରଥମ ୧୫ ଦିନ ବେଳକୁ ପାସପୋର୍ଟ ଭେରିଫିକେସନ ପାଇଁ ଓଡ଼ିଶା ପୋଲିସକୁ ୪ଦିନ ଲାଗିଥିଲା। ଏନେଇ ଡିଜିପି ଅଭୟ ସୂଚନା ଦେଇଛନ୍ତି। ଏଭଳି କାର୍ଯ୍ୟ ପାଇଁ ଥାନା ସ୍ତରରେ ପୋଲିସ କର୍ମଚାରୀ ଓ ଜିଲ୍ଲା ସ୍ତରରେ ଏସଏସପି ଓ ସ୍ପେଶାଲ ବ୍ରାଂଚକୁ ଧନ୍ୟବାଦ ଜଣାଇଛନ୍ତି ଡିଜିପି। ତେବେ ପୂର୍ବରୁ ୨୦୧୮ ଓ ୨୦୧୯ ମସିହାରେ ପାସପୋର୍ଟ ଯାଂଚ ପାଇଁ ୨୬ଦିନ ସମୟ ଲାଗୁଥିଲା। ପରେ ୨୦୨୦ରେ କରୋନା ଯୋଗୁଁ ଏଥିପାଇଁ ୩୬ ଦିନ ସମୟ ଲାଗିଥିଲା। ସେହିପରି ୨୦୧୭ରେ ୯୯ ଦିନ ଲାଗୁ ଥିବା ବେଳେ ୨୦୧୬ରେ ୯୦ ଦିନ ଏବଂ ୨୦୧୫ ମସିହା ବେଳକୁ ପାସପୋର୍ଟ ଯାଂଚ ପାଇଁ ୩୮ ଦିନ ସମୟ ଲାଗୁଥିଲା।

## 'ମୋନା'ପକ୍ଷରୁ ଗାନ୍ଧୀ ଜୟନ୍ତୀ

ବାଲେଶ୍ୱର,୦୨/୦୯ (ନି.ପ୍ର): 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' ମୋନା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ମୋନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ରଙ୍କ ସମେତ ସଙ୍ଗଠନର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ବହୁ ସଦସ୍ୟ ସଦସ୍ୟା ସହରର ସହିଦ ପାର୍କସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଲ୍ୟାଣୀ ନନ୍ଦ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ...ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ରାଉତ, ଅର୍ଚ୍ଚନା ନନ୍ଦୀ, ସରସ୍ୱତୀ ପଣ୍ଡା, ନିରଞ୍ଜନ ପରିଡ଼ା, ବେଣୁଧର ସାହୁ, ପ୍ରସନ୍ନ ପାଢ଼ୀ, ଯତୀନ ପାତ୍ର, ରମେଶଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ବାସନ୍ତୀ କର,ସମରେନ୍ଦ୍ର ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ

ସମ୍ବଲପୁର,୦୨/୦୯ (ନି.ପ୍ର): ଆଜି ଦିନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି। ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ର ୩ଟି ଏବଂ ଡ଼ାହାଣ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି। ଜଳ ଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ମ ଦୃଷ୍ଟି ରଖିଛନ୍ତି। ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୯୬ ହଜାର ୪୫୧ ଘନଫୁଟ୍ ଜଳ ପ୍ରବେଶ କରୁଛି। ସେହି ସମୟରେ ମୋଟ୍ ୪ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୯୬ ହଜାର ୪୫୧ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି। ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳ ପତନ ଦିନ ୧୨ଟା ସୁଦ୍ଧା ୬୩୦.୦୦ ଫୁଟ୍ ରହିଛି। ସେହିପରି ଗତ ୨୪ ଘଂଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ୦୦.୨୯ ମି.ମି. ଓ ଡ୍ୟାମ୍ ର ତଳ ମୁଣ୍ଡରେ ହାରାହାରି ୦୭.୧୩ ମି.ମି. ବର୍ଷା ରେକର୍ଡ଼ କରାଯାଇଛି।

# ଓଡ଼ିଆ ବାୟୁସେନା ଅଧିକାରୀ ଦିଲୀପ ପଟ୍ଟନାୟକଙ୍କୁ ନୂଆ ନିଯୁକ୍ତି, ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଓଡ଼ିଆ ବାୟୁସେନା ଅଧିକାରୀ ଦିଲୀପ ପଟ୍ଟନାୟକଙ୍କୁ ଇଷ୍ଟର୍ଣ୍ଣ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଥମ ଓଡ଼ିଆ ଭାବେ ସେ ଏହି ଦାୟିତ୍ୱ ପାଇଛନ୍ତି। ଆସନ୍ତାକାଲି ଦାୟିତ୍ୱ ଗ୍ରହଣ କରିବେ ଦିଲୀପ ପଟ୍ଟନାୟକ। ନୂତନ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ବାୟୁସେନା ଅଧିକାରୀ ଦିଲୀପ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଫାଇଟର ଜେଟ୍ ମିରାଜ୍ ର ପାଇଲଟ୍ ଭାବେ ଦିଲୀପଙ୍କ ଦକ୍ଷତା ରହିଛି। ସେହିଭଳି ମିଗ୍ -୨୧ ସହିତ ବିଭିନ୍ନ ପ୍ରକାର ଲଢୁଆ ବିମାନ ଉଡ଼ାଇବାରେ ସେ ମାହିର। ତାଙ୍କ ପାଖରେ ୨୫ଶହ ଘଂଟାର ଉଡ଼ାଣ ଭରିବାର ଅଭିଜ୍ଞତା ରହିଛି। ଏୟାର ମାର୍ଶାଲ ଦିଲୀପ ପଟ୍ଟନାୟକ ଭୁବନେଶ୍ୱରର ବାସିନ୍ଦା। ସେ ଏଠାରେ ଏକ ନମ୍ବର କେନ୍ଦ୍ରୀୟ ବିଦ୍ୟାଳୟ ଓ ଡିଏମ୍ ସ୍କୁଲ୍ ରେ ପାଠ ପଢ଼ିଥିଲେ। ୧୯୮୪ ମସିହା ଜୁନ୍ ୮ ତାରିଖରେ ସେ ବାୟୁସେନାରେ ଭର୍ତ୍ତି ହୋଇଥିଲେ। ଦିଲୀପ ତାଙ୍କ କ୍ୟାରିୟରରେ ଭାରତୀୟ ବାୟୁସେନାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଦାୟିତ୍ୱ ତୁଲାଇଛନ୍ତି।

# ୱାନ୍ ଷ୍ଟପ୍ ସେଂଟରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୦୨/୦୯ (ନି.ପ୍ର): ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଫେଲୋସିପ୍' ଦ୍ୱାରା ପରିଚାଳିତ ସଖୀ ୱାନ୍ ଷ୍ଟପ୍ ସେଂଟରର ତୃତୀୟ ବାର୍ଷିକ ପ୍ରତିଷ୍ଠା ସମାରୋହ ଆଜି ସେଂଟର ସଭାଗୃହରେ ପଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ 'ଡାଲ୍‌ସା' ସେକ୍ରେଟାରୀ ସମାପିକା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ଚରଣ ଦାସ, ପୂର୍ବତନ ପ୍ରଶାନିକ ଅଧିକାରୀ ପଦ୍ମନ ରାୟ, ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସେଂଟର ଆଡମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା, ରାଧାରାଣି ମହପାତ୍ର, ବିଧିବକ୍ତା ଅମର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଘରୋଇ ହିଂସା, ନିର୍ଯାତନା, କିଶୋରୀ ବାଳିକା ନାବାଳିକାଙ୍କ ବିଭିନ୍ନ ପ୍ରକାରର ନିର୍ଯାତନାର କିପରି ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେଂଟର ଆଡ୍‌ମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା 'ସଖୀ' ସେ ରର ଲକ୍ଷ୍ୟ, କାର୍ଯ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୨୦୧୯ ମସିହାରୁ ଭଦ୍ରକରେ କାର୍ଯ୍ୟକ୍ଷମ ହୋଇଥିବା ଏହି ସଂସ୍ଥା ମାଧ୍ୟମରେ ମୋଟ କେତେ ଗୋଟି ମାମଲାର ସମାଧାନ ହୋଇଛି, ଏ ଦିଗରେ ପ୍ରଶାସନ, ପୁଲିସର ସହଯୋଗ, ବିଧିବକ୍ତାଙ୍କ ପରାମର୍ଶ ସହିତ ସେଂଟର କାଉନେସଲରମାନଙ୍କ ଭୂମିକା ସମ୍ପର୍କରେ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଅବତାରଣା କରିଥିଲେ। କାର୍ଯ୍ୟକ୍ରମକୁ ୱାନ୍ ଷ୍ଟପ ସେ ରର କର୍ମକଚାରୀ ପରିଚାଳନା କରିଥିଲେ।

# ସ୍କୁଲ ପରିସରରେ ପାର୍କ ନକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛାତ୍ରୀ

କେନ୍ଦ୍ରାପଡା ,୦୨/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳରେ ପୁରୁଣା ବସଷ୍ଟାଣ୍ଡରେ ଥିବା ବ୍ରିଟିସ ଅମଳର ଫ୍ରେଜର୍ସ ବାଳିକା ବିଦ୍ୟାଳୟ ପରିସରରେ ପୌରସଂସ୍ଥା ପକ୍ଷରୁ ପାର୍କ ନିର୍ମାଣକୁ ବିରୋଧ କରି ବିଦ୍ୟାଳୟର ଛାତ୍ରୀ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ରକୁ ପଠାଇ ଥିବା ଜଣାପଡିଛି। ଶତାଧିକ ବର୍ଷର ପୁରୁଣା ଏହି ବିଦ୍ୟାଳୟ ପରିସରରକୁ ଶିକ୍ଷାଦାନ ଉପ ଯୋଗୀ ନକରାଇ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏହା କରାଗଲେ ଛାତ୍ରୀ ମାନଙ୍କ ପାଠପଢା ଗୁରୁତର ବ୍ୟାହତ ହେବା ସହ ଅସାମାଜିକ ବ୍ୟକ୍ତିଙ୍କର ଅନୁପ୍ରବେଶ ଓ ପାଟିତୁଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହେବ। ଏହା ସହ ଛାତ୍ରୀ ମାନଙ୍କ ନିରାପତା ବିପନ୍ନ ଓ ଆଇନ ଶୃଙ୍ଖଳା ପରିସ୍ଥିତି ଘଟିବାର ଆଶଙ୍କା ରହିଛି। ଏନେଇ ଚିନ୍ତିତ ଅବିଭାବକ ମାନେ ଜିଲ୍ଲାପାଳ , ଉପ ଜିଲ୍ଲାପାଳ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ପାର୍କ ନିର୍ମାଣ ବନ୍ଦ ନକରିବାରୁ ସ୍କୁଲର ଶତାଧିକ ଛାତ୍ରୀ ସଂଜିଦା ପରୱିନ୍, ସହେନାଜ ବେଗମ, ନାଜରା ପରୱିନ, ଫତମା ବେଗମ, ତରାନା ଖାତୁନ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ଜଣାଡିଛି।

# ଗାନ୍ଧୀ ଜୟନ୍ତୀରେ ବିଜେପି ସଦର ଶାଖାର ସେବା ଓ ସମର୍ପଣ କାର୍ଯ୍ୟକ୍ରମ

ବାଲେଶ୍ୱର,୦୨/୦୯ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସଦର ବିଜେପି ପକ୍ଷରୁ ସେବା ଓ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜେପି କର୍ମୀମାନେ ମଲିକାଶପୁରସ୍ଥିତ କବିତୀର୍ଥ ଶାନ୍ତିକାନନରେ ସଫେଇ କରିଥିଲେ। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ଦେଶରେ ସ୍ୱଚ୍ଛତାକୁ ନେଇ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛ ଭାରତ ଅଭିଯାନକୁ ସବୁ ମହଲରୁ ଆଗେଇ ନେବା ଉଚିତ ବୋଲି ଶ୍ରୀ ଦତ୍ତ କହିଥିଲେ। ଏଥି ସହିତ ଦଳ ପକ୍ଷରୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ ସବୁଜ ଭାରତର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସଦର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ବିଭୁପଦ ଦାସ, ମାଧବାନନ୍ଦ ସାହୁ, ବିଜୟ ପାଣିଗ୍ରାହୀ, ଦୁକୁଲ ଘୋଡେଇ, ଅନନ୍ତ ନାୟକ, ଲୋକନାଥ ଭୂୟାଁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜିଲ୍ଲା ପ୍ରଶାସନର ବ୍ରାଣ୍ଡ ଆମ୍ବାସଡର ହେବେ ବଣ୍ଡା ଯୁବତୀ ମାଳତୀ

ମାଲକାନଗିରି,୦୨/୦୯ (ନି.ପ୍ର):ଚର୍ଚ୍ଚାରେ ଉଚ୍ଚ ଶିକ୍ଷିତା ବଣ୍ଡା ଯୁବତୀ। ପଙ୍କରେ ପଦ୍ମ ଫୁଟିଲା ଭଳି ମାଲକାନଗିରିରେ ଉଦାହରଣ ପାଲଟିଛନ୍ତି ବଣ୍ଡା ଯୁବତୀ ମାଳତୀ ଶିଶା। ପ୍ରଥମ ଥର ଲାଗି ବଣ୍ଡା ଜନ ଜାତିର ଜଣେ ଯୁବତୀ ଏମ.ଏ. ପାଶ କରିଛନ୍ତି। ଯାହାକୁ ନେଇ ଏବେ ମାଲକାନଗିରି ଜିଲ୍ଲାରେ ବେଶ ଚର୍ଚ୍ଚା,ତେବେ ମାଳତୀ କେବଳ ଏମ.ଏ. ପାଶ କରି ନାହାନ୍ତି ନିଜସ୍ୱ ବୁଦ୍ଧି ବଳରେ ପାହାଡର ଛାତିକୁ ଚିରି ଏକ କୂଅ ମଧ ଖୋଳିଛନ୍ତି। ଆଉ ସେହି କୂଅ ପାଣିରେ ପରିବାରର ଶୋଷ ମେଂଟିବା ସହ ପନି ପରିବା ଚାଷ ମଧ ହେଉଛି। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡା ଘାଟିରେ ଶିକ୍ଷାର ହାର ହେଉଛି ମାତ୍ର ୧୫ ପ୍ରତିଶତ। ହେଲେ ଏହାରି ଭିତରେ ପଙ୍କରୁ ପଦ୍ମ ଫୁଟିଲା ପରି ପ୍ରଥମ ଥର ଲାଗି ବଣ୍ଡା ଜନ ଜାତିର ମାଳତୀ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ବଣ୍ଡା ଘାଟିର ବାଣ୍ଡିଗୁଡା ଗ୍ରାମରେ ବାସ କରୁଥିବା ମାଳତୀ ଶିଶା ମୁଦୁଲି ପଡା ସେବାଶ୍ରମରେ ପ୍ରାଥମିକ ଶିକ୍ଷା ଲାଭ କରିଛନ୍ତି। ଏହାପରେ ଉଚ୍ଚଶିକ୍ଷା ପାଇଁ ସେ ଘାଟି ତଳକୁ ଆସିଥିଲେ। ଏକ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନରୁ ପ୍ରଥମେ ବି.ଏ. ଓ ପରେ ଏମ.ଏ ପାଶ କରିଛନ୍ତି ମାଳତୀ ଶିଶା। ହେଲେ ମାଳତୀଙ୍କ ଏହି ସଫଳତା ପାଇଁ ତାଙ୍କ ନିକଟକୁ ମାଳ ମାଳ ଶୁଭେଚ୍ଛା ଛୁଟି ଆସୁଛି ହେଲେ ଅତି ଗରିବ ଶ୍ରେଣୀର ଏହି ବଣ୍ଡା ଯୁବତିଙ୍କୁ କିନ୍ତୁ ସରକାରି ଚାକିରି ଖଣ୍ଡେ ମିଳିପାରି ନାହି। ତଥାପି କାହାରିକୁ ଦୋଷ ନଦେଇ ଆଗକୁ ମାଡି ଚାଲିଛନ୍ତି ମାଳତୀ। ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ଲାଗି ପ୍ରତିଦିନ ଛୋଟ ଛୋଟ ପିଲାଙ୍କୁ ମାଗଣାରେ ଶିକ୍ଷା ଦାନ କରୁଛନ୍ତି ସେ,ଶିକ୍ଷାର ବିକାଶ ହେଲେ ଯାଇ ମଣିଷର ସର୍ବାଙ୍ଗିନ ବିକାଶ ହୋଇଥାଏ। ଯାହାକୁ ପୁଣି ଥରେ ପ୍ରମାଣିତ କରି ଦେଖାଇଛନ୍ତି ମାଳତୀ। ଦୁର୍ଗମ ଅଞ୍ଚଳରେ ଥିବା ଆଦିବାସିଙ୍କ ଜଳ କଷ୍ଟ ଦୁର କରିବା ଲାଗି ମାଲକାନଗିରି ଜିଲ୍ଲା ପ୍ରଶାସନ ମାଳତିଙ୍କୁ ବ୍ରାଣ୍ଡ ଆମ୍ବାସାଡର କରିବାର ଡି.ଆର.ଡି.ଏ ର ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୁଇୟା କହିଛନ୍ତି।

# 'ସହାୟକ'ର ୧୫ତମ ସ୍ୱନକ୍ଷତ୍ର

ବାଲେଶ୍ୱର,୦୨/୦୯ (ନି.ପ୍ର): ପବିତ୍ର ଗାନ୍ଧିଜୟନ୍ତୀ ଅବସରରେ ସାମାଜିକ ସଙ୍ଗଠନ 'ସହାୟକ'ର ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସହାୟକ ସଂଗଠନର ଜନହିତକାରୀ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଷ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗତ ୧୫ବର୍ଷ ତଳେ ପବିତ୍ର ଗାନ୍ଧିଜୟନ୍ତୀ ଅବସରରେ ମୁଷ୍ଟିମେୟ ବରିଷ୍ଠ ନାଗରିକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ଆଜି ମହାଦ୍ରୁମରେ ପରିଣତ ହୋଇଛି ବୋଲି ମତ ଦେଇଥିଲେ। ସହାୟକର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଇଂ. ବନମାଳି ନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ସମାଜସେବୀ ବଳରାମ ବେହେରାଙ୍କ ସମେତ ମୁଖ୍ୟବକ୍ତା ଡ. ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପ-ସଭାପତି ରାଜେନ୍ଦ୍ର ରାଉତ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ନିରଞ୍ଜନ ପରିଡ଼ା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଏବଂ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପପ୍ରଦାନ କରିଥିଲେ। ଚୌଧୁରୀ ପ୍ରଦୀପ ଦାସ ଓ ମମତା କୁଣ୍ଡୁ 'ସହାୟକ'ର ପୃଷ୍ଠପୋଷକ ସଦସ୍ୟତା ଗ୍ରହଣ କରିଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସଂଗୀତ ଶିକ୍ଷକ ମନୋରଞ୍ଜନ ମହାନ୍ତି ସ୍ୱାଗତ ସଂଗୀତ ଗାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ଶତାଧିକ ଦୁସ୍ଥ ନରନାରୀଙ୍କୁ ନୂତନ ବସ୍ତ୍ର ଓ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏଥି ସହିତ ସହରର ୩ଟି ଦିବ୍ୟାଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସୁଷମ ମଧାହ୍ନ ଭୋଜନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଇଂ. ହୃଷିକେଶ ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅକ୍ଷୟ କୁମାର ତ୍ରିପାଠୀ, ପଦ୍ମଲୋଚନ ଦତ୍ତ, ବିଜୟ ଦାସଅଧିକାରୀ, ପ୍ରଣିତା ମିଶ୍ର, ସବିତା ଦାସ, ପ୍ରଫୁଲ କୁମାର ଦାସ, ଶଶାଙ୍କ ଦତ୍ତ, ସଚୀନ୍ଦ୍ର ଦାସ, ଭବେଶ ଚନ୍ଦ୍ର ପଣ୍ଡା, ସେକ ଆଲାଉଦ୍ଦିନ, ଗଙ୍ଗାଧର ପୃଷ୍ଟି, ବିଷ୍ଣୁପ୍ରସାଦ ପାଢ଼ି ଓ ପୁରୁଷୋତ୍ତମ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁଗୋଳ ଜିଲ୍ଲା ଜଏରାଟରେ ଗାନ୍ଧୀ ଜୟନ୍ତୀ ପଦଯାତ୍ରା

ଅନୁଗୁଳ/ବାମୁର/ଭୁବନେଶ୍ୱର,୦୨/୦୯ (ନି.ପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ମନରେ ବାପୁଙ୍କୁ ଧାରଣ କରି ସ୍ଥାନୀୟ ଅଂଚଳର ବୁଣାକାର, ହସ୍ତଶିଳ୍ପୀ, କାରିଗର ମାନଙ୍କ ଦ୍ୱାରା ତିଆରି ଉତ୍ପାଦିତ କଳାତ୍ମକ ଜିନିଷ କିଣିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶନିବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରର ଅନୁଗୁଳ ଜିଲ୍ଲା ଗସ୍ତ କରି କିଶୋରନଗର ବ୍ଲକ ବାମୁର ଠାରେ ଜାତିର ଜନକ ତଥା ଶାନ୍ତି ଓ ଅହିଂସାର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗାନ୍ଧିଜୀ ଅବସ୍ଥାନ କରିଥିବା ବାମୁର ସ୍ଥିତ ଡ଼ାକ ବଙ୍ଗଳା ପରିଦର୍ଶନ କରିଛନ୍ତି। ଏହାସହ କିଶୋରନଗର ବ୍ଲକ ଜଏରାଟ୍ ଗ୍ରାମରେ 'ଜଏରାଟ୍ ତନ୍ତବାୟ ସମିତି' ହସ୍ତଶିଳ୍ପୀର ବୁଣାକାରଙ୍କୁ ଭେଟି ସେମାନଙ୍କ ସହ କଥା ହୋଇଛନ୍ତି। ସ୍ଥାନୀୟ ବୁଣାକାରଙ୍କ ଅରଖ ଚଲାଇ ସ୍ୱଦେଶୀ ଖଦୀ ବସ୍ତ୍ରର ପ୍ରଚାରପ୍ରସାର ପାଇଁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଖୁସିବ୍ୟକ୍ତ କରିବା ସହ ଭୋକାଲ୍ ଫର୍ ଲୋକାଲର ଆହ୍ୱାନ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଗାନ୍ଧିଜୀଙ୍କ ଆଦର୍ଶ ଓ ଚିନ୍ତାଧାରା ଆଜି ବି ଶାଶ୍ୱତ ଏବଂ ପ୍ରାସଙ୍ଗିକ ହୋଇଛି। ପୂଜ୍ୟ ବାପୁଜୀଙ୍କ ଜୀବନ ମୂଲ୍ୟବୋଧ ଆମକୁ ସର୍ବଦା ପ୍ରେରଣା ଦେଉଥିବ। ସେହିପରି ଅନୁଗୋଳ ଜିଲ୍ଲାର ବାମୁର ସହ ମହାତ୍ମା ଗାନ୍ଧୀଙ୍କର ନିବିଡ଼ ସମ୍ପର୍କ ରହିଛି। ବାପୁଜୀ ବାମୁରରେ ପଦାର୍ପଣ କରି ଏ ମାଟିକୁ ମହନୀୟ କରିଥିଲେ। ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା ଓ ନିଶା ନିବାରଣ ପାଇଁ ଯାତ୍ରା କରୁଥିବା ବେଳେ ୧୯୩୪ ମସିହା ମେ ୫ ତାରିଖରେ ଅନୁଗୁଳର ବାମୁରର ଏକ ଡ଼ାକବଙ୍ଗଳାରେ ଅବସ୍ଥାନ କରିଥିଲେ। ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ, ବାମୁରର ଗାନ୍ଧିଜୀଙ୍କ ପବିତ୍ର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଖୁସିର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ବାଲେଶ୍ୱର ରବିବାର, ୦୩ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ନିରାମୟ ସ୍ୱାସ୍ଥ୍ୟ ବୀମାକାର୍ଡ଼ ବଣ୍ଟନ

ବାଲେଶ୍ୱର,୦୨/୦୯ (ନି.ପ୍ର): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଅଧିକାର ମନ୍ତ୍ରାଳୟ ଅଧୀନ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ପକ୍ଷରୁ ନିରାମୟ ଯୋଜନାରେ ବାଲେଶ୍ୱରର ଦିବ୍ୟାଙ୍ଗ ଶିଶୁମାନଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସହରର ରାଣୀପାଟଣାସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଥିଲେ । ଶାରୀରିକ ଅକ୍ଷମତା ପାଇଁ ଦିବ୍ୟାଙ୍ଗଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିବା ପରିବର୍ତ୍ତେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ ସବୁ ମହଲରୁ ପ୍ରଚେଷ୍ଟା ଜାରି ରଖିବାକୁ ପ୍ରଫେସର ତ୍ରିପାଠୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଏଥିରେ ପୌରହିତ୍ୱ କରିଥିଲେ । ନିରାମୟ ଯୋଜନାରେ ଜିଲାର ୨୦ଜଣ ଦିବ୍ୟାଙ୍ଗ ଆବେଦନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୮ଜଣଙ୍କୁ ଏହି କାର୍ଡ଼ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଥିଲେ । ବିଦ୍ୟାଳୟର ଉପଦେଷ୍ଟା ସୁବ୍ରତ କର ଓ ଶ୍ରଦ୍ଧାଞ୍ଜଳି ରାୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗାନ୍ଧୀ ଜୟନ୍ତୀ ଭଳି ପବିତ୍ର ଦିନରେ ଦିବ୍ୟାଙ୍ଗଙ୍କୁ ସ୍ୱାସ୍ଥ୍ୟ ବୀମାକାର୍ଡ଼ ପ୍ରଦାନ ଖୁସୀର ବିଷୟ ବୋଲି କହିଥିଲେ । ଜଗବନ୍ଧୁ ବେହେରା ଓ ଦିବ୍ୟରଞ୍ଜନ ବେହେରା ନିରାମୟ ଯୋଜନା ସ୍ୱାସ୍ଥ୍ୟବୀମା କାର୍ଡର ବଣ୍ଟନ କରିଥିଲେ । ଏହି କାର୍ଡ ମସ୍ତିସ୍କ ପକ୍ଷାଘାତ, ମାନସିକ ଅନଗ୍ରସର, ସ୍ୱପରାୟଣତା ଏବଂ ବହୁବିଧ ଭିନ୍ନକ୍ଷମତା ଭଳି ୧୮ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସେମାନେ କହିଥିଲେ । ଏଥିରେ ଛାତ୍ରଛାତ୍ରୀଙ୍କୁ ବର୍ହିବିଭାଗ ଚିକିତ୍ସା ସୁବିଧା, ବିଭିନ୍ନ ପ୍ରକାର ପରୀକ୍ଷା ୧୪,୫୦୦ଟଙ୍କା, ବିଭିନ୍ନ ଡାକ୍ତରୀ ଚିକିତ୍ସା ପାଇଁ ୭୦ହଜାର ଟଙ୍କା, ଶାରୀରିକ ଚିକିତ୍ସା ପାଇଁ ୧୦ହଜାର ଟଙ୍କା, ଔଷଧ ଖର୍ଚ୍ଚ ପାଇଁ ୪,୫୦୦ଟଙ୍କା ଏବଂ ଯାତାୟତ ଖର୍ଚ୍ଚ ପାଇଁ ୧ହଜାର ଟଙ୍କା ଆଦି ମିଶାଇ ମୋଟ ଏକ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଉଛି ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

ବାଲେଶ୍ୱର,୦୨/୦୯ (ନି.ପ୍ର): ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ୧୫୨ତମ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଶନିବାର ପାଳିତ ହୋଇଯାଇଛି । ସକାଳେ ସହରର ସିନେମାଛକ ସହିଦ ପାର୍କରେ ଥିବା ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ପରେ ସ୍ଥାନୀୟ ସୂଚନା ଭବନରେ ଏକ ସର୍ବଧର୍ମ ସମନ୍ୱୟ ସଭା ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର କୁନାଲ ଚୌହାନ, ସଦର ବିଡିଓ ନରେନ୍ଦ୍ର ଖମାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଗାନ୍ଧିଜୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ ସହ ମହାନ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ କଥା ରଖିଥିଲେ । ବିଶେଷ କରି ଗାନ୍ଧୀଜୀଙ୍କ ଜୀବନ ଦର୍ଶନ ଏବଂ ଭାରତ ସମେତ ସମଗ୍ର ବିଶ୍ୱକୁ ତାଙ୍କର ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ସେହିପରି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶାସ୍ତ୍ରିଜୀ ଶ୍ରେଷ୍ଠ ନୀତି ଓ ଆଦର୍ଶ ପାଇଁ ଶାନ୍ତିର ଦୂତ ଭାବେ ପରିଚିତ ହୋଇପାରିଛନ୍ତି ବୋଲି ସେମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଶାନ୍ତ ଦାସ, ଲକ୍ଷ୍ମୀଧର ବେହେରା, ଶରତ ଚନ୍ଦ୍ର ଦାଶ, ଶ୍ରଦ୍ଧାଞ୍ଜଳି ରାୟ, ଜନ୍ନତ ହୁସେନ ପ୍ରମୁଖ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ସମ୍ପର୍କରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଚାରି ଗାଁ ରାମେଶ୍ୱର ସଂସ୍କୃତି ବିଦ୍ୟାଳୟର ଶିକ୍ଷକ ମନ୍ମଥ କୁମାର ମିଶ୍ର ଗୀତା, ଆର.କେ.ହିନ୍ଦୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରତ ମନ୍ତ୍ରୀ ବାଇବେଲ ଓ ବାରବାଟି ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ଜରୀନା ବେଗମ ଏବଂ ଜିଲା ସ୍କୁଲର ଶିକ୍ଷକ ମସ୍କୁର ଅଲୀ ଖାନ କୋରାନ ପାଠ କରିଥିଲେ । ନୃତ୍ୟସଙ୍ଗୀତ କଳାମନ୍ଦିରର କଳାକାର ବେଲା ସେନ, ନନ୍ଦକିଶୋର ଦାସ ଓ ସାଗରିକା ଦାସ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୋର ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା । ପ୍ରାତଃକାଳରେ ପ୍ରଶାସନ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ରାମଧୂନ ଶୋଭାଯାତ୍ରାରେ ଲୋକକଳା କଳାକାରମାନେ ଯୋଗ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସହିଦ ପାର୍କ ଯାଏଁ ଯାଇଥିଲେ ।



# ସନ୍ଥ କବି ଭୀମ ଭୋଇଙ୍କ ଜୀବନୀ ଓ ଦର୍ଶନ ଉପରେ ଅଧ୍ୟୟନ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦେଲେ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ରେଢାଖୋଲ,/ଭୁବନେଶ୍ୱର,୦୨/୦୯ (ନି.ପ୍ର): ମହିମା ଧର୍ମର ମହାନ ପ୍ରଚାରକ ତଥା ଓଡିଆ ସାହିତ୍ୟ ଓ ଧାର୍ମିକସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିବା ସନ୍ଥ କବି ଭୀମ ଭୋଇଙ୍କ ଜୀବନୀ ଓ ତାଙ୍କ ଦର୍ଶନ ଉପରେ ଅଧିକ ଅଧ୍ୟୟନ କରିବା ପାଇଁ ୟୁନିଭରସିଟି ଗ୍ରାଣ୍ଟ୍ସ କମିଶନ(ୟୁଜିସି)କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆଗାମୀ ଦିନରେ ସନ୍ଥ କବି ଭୀମ ଭୋଇଙ୍କୁ ଜଣେ ସର୍ବୋତ୍ତମ ବିଚାରକ ଭାବେ ପ୍ରମାଣିତ କରିବା ପାଇଁ ଉଦ୍ୟମ କରାଯିବ । ଭାରତ ସରକାରଙ୍କ ୟୁଜିସି ଏହି ମହାପୁରୁଷଙ୍କ 'ମହିମା ଧର୍ମ'ର ବିଚାର ସମ୍ପର୍କରେ ଅଧ୍ୟୟନ କରିବ । ଉଚ୍ଚତର ଗବେଷଣା କରାଯିବା ସହ ୟୁଜି ଏବଂ ପିଜି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ । ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟରେ ଭୀମ ଭୋଇଙ୍କ ନାଁରେ ଭୀମ ଭୋଇ ଚେୟାର ସ୍ଥାପନ ହେବ । ଜାତୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ଭୀମ ଭୋଇଙ୍କୁ ସମ୍ମାନ ଦେବା ପାଇଁ ସବୁପ୍ରକାର ଉଦ୍ୟମ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଦ୍ୱାରା ଶତାବ୍ଦୀ ଶତାବ୍ଦୀରୁ ପଛୁଆ ଅଂଚଳରୁ ଆରମ୍ଭ ହୋଇଥିବା ମହାନ୍ ବିଚାର ଅନ୍ତରାଷ୍ଟ୍ରୀୟ ସ୍ତରକୁ ଯିବ । ସ୍ୱାଧୀନତାର ୭୫ ବର୍ଷ ପୂର୍ତି ପାଳନ ଅବସରରେ ଏହା ମୋଦି ସରକାରଙ୍କ ବଡ଼ ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" । ସନ୍ଥ କବିଙ୍କ ଏହି କାଳଜୟୀ ବିଚାର ଜାତିସଂଘର ମୁଖ୍ୟାଳୟରେ ଲିପିବଦ୍ଧ ହୋଇ ରହିଛି । ବିଶ୍ୱ ଏହି ଦର୍ଶନରେ ଅନୁପ୍ରାଣିତ ହେଲେ, ଏହା ହିଁ ହେବ ସନ୍ଥ କବି ଭୀମ ଭୋଇଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ସନ୍ଥକବିଙ୍କ ଜୀବନ ଆଦର୍ଶରେ ଓଡ଼ିଆ ଜାତି ସର୍ବଦା ଅନୁପ୍ରାଣିତ ହୋଇ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୨/୦୯ (ନି.ପ୍ର): ସାମାଜିକ ସଂଗଠନ 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ଗାନ୍ଧୀ ଜୟନ୍ତୀରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବାଲେଶ୍ୱର ଜିଲା ଅଦାଲତରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଆଇନଜୀବୀ ବିଜୟ ପାଣିଗ୍ରାହୀ ପୌରହିତ୍ୱ କରିବା ସହିତ ଅଦାଲତରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସଫେଇ କର୍ମଚାରୀଙ୍କୁ ସେମାନଙ୍କ ନିଷ୍ପୃପୂର୍ଣ୍ଣ ଅବଦାନ ପାଇଁ ସମ୍ମାନ ପ୍ରଦର୍ଶନ ଦ୍ୱାରା ସ୍ୱଚ୍ଛତାର ପ୍ରତୀକ ମହାତ୍ମା ଗାନ୍ଧୀଙ୍କୁ ସ୍ମରଣ କରିବାର ସାର୍ଥକତା ରହିଛି ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସାଧାରଣ ସମ୍ପାଦକ ଦୁକୁଲ ଘଡେଇ, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ପଣ୍ଡା, ଅତିରିକ୍ତ ସମ୍ପାଦିକା ସଂଯୁକ୍ତା ରାଣୀ ବେହେରାଙ୍କ ସମେତ ନୀଲୁ ପାଣିଗ୍ରାହୀ, ଅଶୋକ ବାରିକ ପ୍ରମୁଖ ସଦସ୍ୟମାନେ ଏଥିରେ ଉପସ୍ଥିତ ରହି ସଫେଇ କର୍ମଚାରୀଙ୍କୁ ମାସ୍କ, ସାନିଟାଇଜର ଓ ଗ୍ଲୋଭ୍ସ ପ୍ରଭୃତି ବଂଟନ କରିଥିଲେ । ଅଦାଲତର ସଫେଇ କର୍ମଚାରୀ ଅନନ୍ତ ମୁଖୀ, ପ୍ରଭାକର ମୁଖୀ, ଦୁଃଖିଆ ସୋରେନ, ବିଜୟ ମାରାଣ୍ଡି, ପ୍ରତାପ ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ ।

# ଶାନ୍ତି, ଅହିଂସା ଓ ମାନବବାଦର ସର୍ବକାଳୀନ ଆଦର୍ଶ ଥିଲେ ଗାନ୍ଧିଜୀ ଓ ଶାସ୍ତ୍ରିଜୀ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶାନ୍ତିର ପ୍ରତୀକ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୫୨ତମ ଓ ୧୧୭ତମ ଜୟନ୍ତୀ ଓ ଶହୀଦ ରଘୁ ଦିବାକରଙ୍କ ସ୍ଥାନୀୟ ପ୍ରତିମୂର୍ତିସ୍ଥଳ ଠାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ଅଧ୍ୟାପକ, ବରିଷ୍ଠ ପୂଜ୍ୟପୂଜା ପ୍ରାଣ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରାଧ୍ୟାପକ ସାମ୍ବାଦିକ ଡଃ ଅସିତ୍ ଦାସ ତଥା ବରିଷ୍ଠ ପୂଜ୍ୟପୂଜା ପ୍ରାଣ ବ୍ରଜବନ୍ଧୁ ପରିଡ଼ା ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ଶାନ୍ତି, ଅହିଂସା, ମାନବବାଦର ସର୍ବକାଳୀନ ଆଦର୍ଶ ଥିଲେ ଉକ୍ତ ଦୁଇ ମହାପୁରୁଷ । ଦେଶଭକ୍ତି, ଜନସେବା ପ୍ରମୁଖକୁ ଗୁରୁତ୍ୱ ଦେବା ସହିତ ସାଧାରଣ ଜନତାଙ୍କ ସ୍ୱାର୍ଥ କିପରି ହାସଲ ହୋଇପାରିବ ତାହା ଉପରେ ସର୍ବଦା ବ୍ରତୀ ରହୁଥିଲେ । ଆଜିର ଯୁବପିଢ଼ୀ ପୂଜ୍ୟପୂଜା ଓ ଦେଶପ୍ରେମକୁ ପ୍ରାଧାନ୍ୟ ଦେବା ସହିତ ମାତୃଭାଷା ଓ ମାତୃଭୂମିର ସୁରକ୍ଷା ଦିଗରେ ଅଗ୍ରସର ହୁଅନ୍ତୁ ବୋଲି ଅତିଥିମାନେ ଆହ୍ୱାନ ଦେବା ସହିତ ସର୍ବଦା ସରଳ, ଅମାୟିକ ଜୀବନଯାପନ କରିବାପାଇଁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶାନ୍ତି ଓ ସମାଜସେବା ପାଇଁ ସମିତା ମହାରଣାଙ୍କୁ ଲାଲବାହାଦୁର ଶାସ୍ତ୍ର ସ୍ମୃତି ସମ୍ମାନ ଓ ପୂଜ୍ୟପୂଜା ପ୍ରାଣ ଶୁଭମ୍ ମହାନ୍ତିଙ୍କୁ ଶହୀଦ ରଘୁ ଦିବାକର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନର ସଂଯୋଜକ ବାପୁ ଓଝା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଅଭିଯାନର ସୀତାଂଶୁ ଶେଖର ମହାରଣା, ତନ୍ମୟ ସାମନ୍ତରାୟ, ପ୍ରମୋଦ ଦେବ, ନାରାୟଣ ଖୁଣ୍ଟିଆ, ରୋହିତ କୁମାର ପ୍ରମୁଖ ଯୋଗଦେଇଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି ।

## ପୂର୍ବତଟ ରେଳପଥ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୨ ତମ ଜନ୍ମ ବାର୍ଷିକୀ ଅବସରରେ ପୂର୍ବ ତଟ ରେଳବାଇର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ନେତୃତ୍ୱରେ ବିଭାଗୀୟ ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଭୁବନେଶ୍ୱରସ୍ଥିତ ରେଳପଥର ମୁଖ୍ୟାଳୟ ରେଳ ସଦନ ଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏଥିସହ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ତଥା କାର୍ଯ୍ୟ ସଫଳତା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ, ପୂର୍ବ ତଟ ରେଳପଥ ୧୬ ସେପ୍ଟେମ୍ବରରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ (ପଖୱାଡା) ଆୟୋଜିତ ହୋଇଥିଲା । ଏହି ଅବସରରେ ପରିଷ୍କାର ପରିଚ୍ଛନ୍ନତା ସମୟରେ ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେସନ, ସ୍ୱଚ୍ଛ ପରିସର, ସ୍ୱଚ୍ଛ ଆହାର, ସ୍ୱଚ୍ଛ ନୀର, ସ୍ୱଚ୍ଛ ପ୍ରସାଦ, ସ୍ୱଚ୍ଛ ରେଳଗାଡି ଇତ୍ୟାଦି କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା ।

# ୧୦ଟି ସ୍ଥାନରେ ଏସଏସଭିଏମର ନୂତନ ଗୃହର ଲୋକାର୍ପଣ

ଅନୁଗୁଳ/ଢେଙ୍କାନାଳ/ଭୁବନେଶ୍ୱର,୦୨/୦୯ (ନି.ପ୍ର):- ଜାତୀୟ ଶିକ୍ଷା ନୀତି-୨୦୨୦ରେ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ବିଦ୍ୟା ଭାରତୀ ଦ୍ୱାରା ପରିଚାଳିତ ଶିଶୁ ବାଟିକା ଓ ବିଦ୍ୟା ପ୍ରବେଶ କାର୍ଯ୍ୟକ୍ରମ ନୂତନ ଶିକ୍ଷା ନୀତିର ମଡ୍ୟୁଲ୍ ପାଇଁ ବହୁ ଉପଯୋଗୀ ହୋଇଛି । ଶନିବାର ଅନୁଗୋଳ ଓ ଢେଙ୍କାନାଳ ସମେତ ୧୦ଟି ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡ଼ିକର ବହୁମୁଖୀ ନୂତନ ସମ୍ମିଳନୀ କକ୍ଷ, ଶ୍ରେଣୀଗୃହ ଏବଂ ଆନୁସଙ୍ଗିକ ସୁବିଧାର ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରୁ ପ୍ରତ୍ୟକ୍ଷ ଭାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବହୁମୁଖୀ ନୂତନ ସମ୍ମିଳନୀ କକ୍ଷ ଏବଂ ଆନୁସଙ୍ଗିକ ସୁବିଧାର ଲୋକାର୍ପଣ ସହ ଏହି ସ୍ଥାନରୁ ଭିସି ଜରିଆରେ ୪ ଲେଖାଁଏ ସର୍ବମୋଟ ୧୦ଟି ସ୍ଥାନରେ ସରସ୍ୱତୀ ବିଦ୍ୟାମନ୍ଦିରରେ ଅତ୍ୟାଧୁନିକ ସୁବିଧାକୁ ଉତ୍ସର୍ଗ କରିଛନ୍ତି । ଭିସି ଜରିଆରେ ଅନୁଗୋଳରୁ ୪ଟି ସ୍ଥାନ ତଥା ବୌଦ୍ଧ, କନ୍ଧମାଳ ଜିଲ୍ଲାର ଫୁଲବାଣୀ, କୋରାପୁଟ ଜିଲ୍ଲାର ଜୟପୁର ଓ ସମ୍ବଲପୁର ଜିଲ୍ଲାର ଧନୁପାଲି ଏବଂ ଢ଼େଙ୍କାନାଳ ଜିଲ୍ଲାର ସୁନ୍ଦରିଖାଲରୁ ଗଞ୍ଜାମ ଜିଲ୍ଲାର ବାଲିପଡ଼ା, ଢ଼େଙ୍ଗାଅସ୍ତା, କବିସୂର୍ଯ୍ୟନଗର ଓ କେନ୍ଦୁଝର ଜିଲ୍ଲାର କେନ୍ଦୁଝର ଗଡ଼ ଠାରେ ଏହି ସବୁ ଅନୁରୂପ ସୁବିଧାର ଲୋକାର୍ପଣ କରିଛନ୍ତି । ସାମାଜିକ ଓ ସାଂସ୍କୃତିକ-ବୌଦ୍ଧିକ ଯାତ୍ରାରେ ସରସ୍ୱତୀ ଶିଶୁ ମନ୍ଦିରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଇଣ୍ଡିଆନ ଅଏଲର ସାମାଜିକ ଉତର ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ 'ଜ୍ଞାନଦେୟ'ର ମୋଟ ୨୪ କୋଟି ଟଙ୍କା ଆର୍ଥିକ ସହଯୋଗରେ ଅନୁଗୁଳ ଓ ଢ଼େଙ୍କନାଳ ଜିଲ୍ଲା ସମେତ ୧୦ଟି ସ୍ଥାନରେ ନିର୍ମାଣ ହୋଇଥିବା ସରସ୍ୱତୀ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଓ ଅନ୍ୟାନ୍ୟ ସୁବିଧା ପାଠପଢା ପ୍ରତି ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସକୁ ଉଜ୍ଜିବୀତ କରିବ । ଏହା ଦ୍ୱାରା ଏହି ୧୦ଟି ସ୍କୁଲରେ ପାଠ ପଢୁଥିବା ୧୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ । ଶିକ୍ଷା ସେବା ପାଇଁ ଆରମ୍ଭ ହୋଇଥିବା ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମରେ ଗରିବ ପିଲାଙ୍କୁ ଶିକ୍ଷାଦାନ କରି ଅନୁଗୁଳ ଜିଲ୍ଲାକୁ ଜାତୀୟ ସ୍ତରରେ ନାଁ କରାଇବା, ତିଥି ଭୋଜନରେ ଗରିବ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା, ଡିଜିଟାଲରେ ପିଲାଙ୍କୁ ଯୋଡ଼ିବା ପାଇଁ ସ୍ଥାନୀୟ ଯୁବକମାନେ ଉଦ୍ୟମ କରିବା ତଥା ସେମାନଙ୍କର ସାମଗ୍ରିକ ଶିକ୍ଷା ବିକାଶ ଉପରେ ସମସ୍ତେ ଗମ୍ଭୀର ଭାବରେ ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ମହାତ୍ମା ଗାନ୍ଧୀ ଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ରୋଜଗାରକ୍ଷମ କରିବା ପାଇଁ 'ନୟୀ ତାମିଲ'ର କଳ୍ପନା କରିଥିଲେ । ଉଲ୍ଲେଖନୀୟ, ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଅଧୀନରେ ଅନେକ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମାନଙ୍କୁ ସହାୟକ ଉପକରଣ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର, ସ୍ଥାନୀୟ ଜନପ୍ରତିନିଧି ଓ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଇଣ୍ଡିଆନ ଅଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ପାର୍ବଣ ଭିଡ଼ ଉପରେ ନଜର ରଖିବ ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ପାର୍ବଣ ଭିଡ଼ ଉପରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ନଜର ରଖିବ । ପାର୍ବଣରେ ଭିଡ଼ ଜମିଲେ ସଂକ୍ରମଣ ବଢିପାରେ । ପୂର୍ବ ଗାଇଡଲାଇନକୁ କଡାକଡି ପାଳନ କରିବା ପାଇଁ ଗୃହ ବିଭାଗ ଗୁରୁତ୍ୱ ଦେଇଛି । ବିଶେଷ କରି ସପିଂ ସମୟରେ ଭିଡ଼କୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡର ନଜର ରହିବ ବୋଲି ସ୍ୱାସ୍ଥ୍ୟ ନର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ସେ କହିଛନ୍ତି ଯେ ଯେଉଁ ଅଂଚଳରେ ସଂକ୍ରମଣ ବଢ଼ିବ ସେଠାରେ ପୁଣି କଂଟେନମେଂଟ ଓ ମାଇକ୍ରୋକଂଟେନମେଂଟ କରାଯିବ । ଏବେ ଦୈନିକ ଟେଷ୍ଟିଂ ୬୦ ରୁ ୭୦ ହଜାର କରାଯାଉଛି । ତାହା ଜାରି ରହିବ । କଟକ ଓ ଭୁବନେଶ୍ୱରରେ ସଂକ୍ରମଣ କମିଥିଲେ ମଧ ଭୟ ରହୁଛି । ତେଣୁ ଏଠାକାର ଲୋକମାନେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ । ଆଇସିଏମଆର ଓ ନିତି ଆୟୋଗ ଏ ନେଇ ପୂର୍ବରୁ ସତର୍କ କରାଇଛନ୍ତି । ତେଣୁ ଆମେ ତାହାକୁ ଗୁରୁତ୍ୱ ଦେଉଛୁ ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଜେଡିର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ



ବାରିପଦା, ୦୨/୧୦(ନିପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଓ ରାଜସ୍ୱ ମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିଥିଲେ । ଏହି ସମୟରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜ ଜନ୍ମ ମାଟି ଛାଡି କର୍ମଭୂମି ବାରିପଦାରେ ସକାଳ ୧୦ଟା ସମୟରେ ଓ ରାଜସ୍ୱ ମନ୍ତ୍ରୀ ହେଲିକ୍ୟାପ୍ଟର ଯୋଗେ ଭୁବନେଶ୍ୱରରୁ ବାରିପଦା ଷ୍ଟାଡିୟମ ଠାରେ ପହଞ୍ଚିଥିଲେ । ଏହା ପରେ ମିଳିତ ଭାବେ ସଙ୍ଗଠନର କର୍ମକର୍ତ୍ତାଙ୍କ ସହିତ ପ୍ରଥମେ ସକାଳ ୧୦:୩୦ଟା ସମୟରେ ଗାନ୍ଧୀପାର୍କ ଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ, ଲାଲ ବାହାଦୂର ଶାସ୍ତ୍ରୀ, ପୁତୁଳି ବାଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଏହି ସମୟରେ ରାଜ୍ୟ ସାଙ୍ଗଠନିକ ସମ୍ପଦକ ଓ ରାଜସ୍ୱ ମନ୍ତ୍ରୀଙ୍କ ସହିତ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୁର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଡ଼ଃ ଦେବାଶିଷ ମାରାଣ୍ଡି, କୃଷ୍ଣଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାରତୀ ହାଁସଦା, ରାଜ୍ୟ କୃଷି ନିଗମ ଅଧକ୍ଷ ଦେବାଶିଷ ମାରାଣ୍ଡି ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବାରିପଦା ହସ୍ପିଟାଲରେ ବିଶାଳ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମସ୍ତେ ଯୋଗ ଦେବା ସହିତ ବାରିପଦା ଷ୍ଟାଡିଅମର ସମ୍ମିଳନୀ କକ୍ଷରେ ବିଶାଳ ରକ୍ତ ଦାନ ଶିବିରକୁ ଫିତା କାଟି ଶୁଭାରମ୍ଭ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୨ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସେବା କାର୍ଯ୍ୟକ୍ରମ ଚାଲୁ ରହିବ । ତେବେ ରକ୍ତ ଦାତାଙ୍କୁ ରକ୍ତ ଦାନ କରି କରୋନା ମହାମାରୀ ସମୟରେ ରକ୍ତର ଅଭାବ ଦୂର କରିବା ପ୍ରୟାସକୁ ପ୍ରସଂଶା କରିଥିଲେ । ଅପରାହ୍ନ ସମୟରେ ସ୍ୱସ୍ତିକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲାର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଶେଷରେ ଜିଲ୍ଲାର ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଦଳୀୟ କର୍ମୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲାରେ ବିଜେଡିର କାର୍ଯ୍ୟକ୍ରମଙ୍କୁ ସ୍ୱାଗତ କରିଛନ୍ତି ମୟୂରଭଞ୍ଜ ଜିଲ୍ଲାବାସୀ ।

## କରୋନାରୁ ସୁସ୍ଥ ହେଲେ ଆଉ ୫୭୯ ଆକ୍ରାନ୍ତ

ଭୁବନେଶ୍ୱର,୦୨/୦୯ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଆଉ ୫୭୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୪ ହଜାର ୪୧୨ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୮୩ ଆକ୍ରାନ୍ତ ଓ କଟକ ଜିଲ୍ଲାରୁ ଆଜି ୪୧ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ବାଲେଶ୍ୱରରୁ ୨୯, ଜଗତସିଂହପୁରରୁ ୨୮, ସମ୍ବଲପୁରରୁ ୨୩, ଯାଜପୁରରୁ ୧୯, ଅନୁଗୁଳ, ମୟୂରଭଂଜରୁ ୧୩ ଲେଖାଏଁ, ପୁରୀରୁ ୧୨, ଭଦ୍ରକ ଓ ସୁନ୍ଦରଗଡ଼ରୁ ୧୦-୧୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।

# ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୦୨/୦୯ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାମାଜିକ ସଂଗଠନ 'ମୁସଲିମ ୱେଲଫେୟାର ସୋସାଇଟି' ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ସହରର କାଦ୍ରିୟା ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହି ଶିବିରକୁ ଉଦଘାଟନ କରିବା ସହିତ ମୁସଲିମ ୱେଲଫେୟାର ସୋସାଇଟିର କର୍ମକର୍ତ୍ତାଙ୍କ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଜୟ ସିଂହ, ଶ୍ରୀରାମ ହସପିଟାଲ ଚକ୍ଷୁ ବିଭାଗ ମ୍ୟାନେଜର ବିନୋଦ କୁମାର ନାୟକ, ଫାର୍ମାସିଷ୍ଟ କୌଶଲ୍ୟା ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଆଖି ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ । କାଦ୍ରି ମୋହଲ୍ଲା ଓ ତାର ଆଖପାଖ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଏହି ଶିବିରରେ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ତନ୍ମଧ୍ୟରୁ ମୋତିଆବିନ୍ଦୁ ଥିବା ୨୦ଜଣଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କର ଅପରେସନ ପାଇଁ ସୋସାଇଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ପୂର୍ବରୁ ଆୟୋଜିତ ଅନୁରୂପ ଚକ୍ଷୁ ପରୀକ୍ଷା ଶିବିରରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ୧୫ଜଣ ବ୍ୟକ୍ତିଙ୍କ ସଫଳତାର ସହ ଅପରେସନ କରାଯାଇଥିବା ସୋସାଇଟିର ସଭାପତି ମହମ୍ମଦ ମୁକ୍ତାର ଅହେମ୍ମଦ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋସାଇଟିର ଉପ-ସଭାପତି ଅସଲମ ଖାନ ଓ ସଲିମ ରାଜା, ସମ୍ପାଦକ ଶେଖ ଆୟୁବ, ଅବଦୁଲ ମୁକ୍ତାର ଖାଁ, ଶେଖ ରଜବ ଅଲ୍ଲି, କୋଷାଧ୍ୟକ୍ଷ ହାଜି ଶେଖ ଜମାଲ, ମିଡିଆ ସଂଯୋଜକ ଶେଖ ଅଲି ମହମ୍ମଦ, ହାଜି ମହମ୍ମଦ ଗୁଲାମ ଖାଁ, ମହମ୍ମଦ ଆବିଦ, ହାଜି ଶେଖ ମଜିଦ, ହମିଦ ଖାଁ ପ୍ରମୁଖ ସୋସାଇଟିରେ କର୍ମକର୍ତ୍ତା ଓ ସଦସ୍ୟମାନେ ଆଜିର ଏହି ଶିବିରକୁ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo